ଧରିତ୍ରୀ
DHARITRI
February 9-15, 2025 ₹2/-
ଧରିତ୍ରୀ DHARITRI 51 Years

# ଛୁଟିଦିନ

# ତୁମେ ଅଛ ବୋଲି

ସ୍ତ୍ରୀ ପାଇଁ ସ୍ୱାମୀର ଆଉ ସ୍ୱାମୀ ପାଇଁ ସ୍ତ୍ରୀର ଭଲ ପାଇବା ଓ ତ୍ୟାଗ କେତେ ଗଭୀର ହୋଇପାରେ ଏହି ଦମ୍ପତିମାନେ ହେଉଛନ୍ତି ତାହାର ଗୋଟେ ଗୋଟେ ଉଦାହରଣ...

ପ୍ରଚ୍ଛଦ ପ୍ରସଙ୍ଗ
୩



# କେଉଁ ଜିନିଷ ରଖିବେନି ଘରେ..

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଆମେ ଜାଣତରେ ହେଉ କି ଅଜାଣତରେ ଏମିତି କିଛି ଅଦରକାରୀ ଜିନିଷ ଘରେ ଗଦାଇ ରଖିଥାଉ; ଯାହାର କୁପ୍ରଭାବ ଘରର ସୁଖ, ଶାନ୍ତି ଓ ସମୃଦ୍ଧି ଉପରେ ପଡ଼ିଥାଏ ବୋଲି ବିଶ୍ୱାସ ରହିଛି...**

* ଘରେ ଯଦି ପୁରୁଣା ଖବରକାଗଜକୁ ବହୁଦିନ ଧରି ଗଦେଇ ରଖାଯାଇଥାଏ, ତା'ହେଲେ ଏହାର ପ୍ରଭାବରେ ଘରେ ଅଶାନ୍ତିର ବାତାବରଣ ଉପୁଜିଥାଏ। ତା'ସହ ନକାରାତ୍ମକ ଶକ୍ତିର ପ୍ରଭାବ ମଧ୍ୟ ବଢ଼ିଥାଏ ବୋଲି ବାସ୍ତୁଶାସ୍ତ୍ର କହେ।

* ପୁରୁଣା, ଖରାପ ହୋଇଯାଇଥିବା ତଥା ଅନୁପଯୋଗୀ ଇଲେକ୍ଟ୍ରୋନିକ୍ ଜିନିଷ ଯେମିତି କି ମୋବାଇଲ୍ ଫୋନ୍, ଚାର୍ଜର, କେବଲ୍, ବଲ୍‌ବ ଇତ୍ୟାଦିକୁ ବି ଘରେ ରଖିବା ଠିକ୍



ନୁହେଁ। ଏହା ନକାରାତ୍ମକ ଶକ୍ତିକୁ ଆକର୍ଷିତ କରି ଘରେ ସମସ୍ୟା ସୃଷ୍ଟି କରିଥାଏ ; ଯାହାର ପ୍ରଭାବରେ ପରିବାର ଲୋକେ ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ।

* ପୁରୁଣା ଅଦରକାରୀ ହୋଇଯାଇଥିବା ଜୋତା, ଚପଲକୁ ମଧ୍ୟ ବହୁଦିନ ଧରି ଘରେ ଗଦାଇ ରଖିଲେ, ଏହା ଉଭୟ ସ୍ୱାସ୍ଥ୍ୟ ଓ ସମୃଦ୍ଧି ଉପରେ କୁପ୍ରଭାବ ପକାଇଥାଏ।

* ଘରେ ଯଦି ପୁରୁଣା, ଜଙ୍କ୍ ଲଗା ତାଲା ଅଛି, ତା'ହେଲେ ତାକୁ ଶୀଘ୍ର ଘରୁ ବାହାର କରିଦେବା ଆବଶ୍ୟକ। କାରଣ ଏହା ମଧ୍ୟ ଘରର ସମୃଦ୍ଧିରେ ବାଧା ସୃଷ୍ଟି କରିଥାଏ।

* ଖରାପ ହୋଇଯାଇଥିବା ଘଣ୍ଟା, ପୁରୁଣା ଝାଡୁ, ପୁରୁଣା ଅଦରକାରୀ ପୋଷାକପତ୍ରକୁ ବି ଘରେ ଅଯଥା ଗଦେଇ ରଖିଲେ ଘରର ସୁଖ, ସମୃଦ୍ଧି ନଷ୍ଟ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୯-୧୫

### ମେଷ



କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ସମସ୍ୟାର ସମ୍ମୁଖୀନ ହେବେ, ବନ୍ଧୁଙ୍କ ସହଯୋଗ, ଲକ୍ଷ୍ୟ ହାସଲ କରିବେ, ବ୍ୟବସାୟରେ ଉନ୍ନତି, ସାମାଜିକ ପ୍ରତିଷ୍ଠା, ସାହିତ୍ୟକୃତିରୁ ପ୍ରଶଂସା, ପାରିବାରିକ ମତାନ୍ତର ॥

### ବୃଷ




ମିତ୍ର ବନ୍ଧୁଙ୍କ ସହଯୋଗ, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଅର୍ଥଲାଭ ଘଟିବ, ନୀଚ ସଂସର୍ଗରୁ ଅପନିନ୍ଦା, ପାରିବାରିକ ବିତର୍କ, ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି, ଭ୍ରମଣ ସୁଯୋଗ ଜୁଟିବ, ସ୍ଥଗିତକାମ ତ୍ୱରାନ୍ୱିତ ହେବ, ସହଯୋଗ ପାଇବେ, କଳାସାହିତ୍ୟରେ ଉନ୍ନତି ॥

### ମିଥୁନ



ବନ୍ଧୁବତ୍ସଳ ହେବେ, ସମ୍ପର୍କ ମଧୁର ରହିବ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ପିଲାଙ୍କ ଦ୍ୱାରା ଗୌରବାନ୍ୱିତ ହେବେ, ପାରିବାରିକ ଜଞ୍ଜାଳ ବୃଦ୍ଧି, ବୁଝାମଣା ଠିକ୍ ରହିବ, ନୂତନ କର୍ମାରମ୍ଭ, ମାଙ୍ଗଳିକ କାର୍ଯ୍ୟର ଆୟୋଜନ, ଶିଳ୍ପବାଣିଜ୍ୟରେ ଉନ୍ନତି, ଦୂରଯାତ୍ରାର ଯୋଜନା ॥

### କର୍କଟ




ମାନସିକ ଦ୍ୱନ୍ଦ୍ୱ, ବିଳମ୍ବିତ ନିଷ୍ପତ୍ତି, ଅବସାଦ ଦୂର ହେବ, ବ୍ୟାପାରରେ ଲାଭ, ବନ୍ଧୁଙ୍କୁ ଆପଣାର କରିବେ, ଆଶାବାଦୀ ହୋଇପାରନ୍ତି, କର୍ମକ୍ଷେତ୍ରରେ ସମ୍ମାନ, ଆର୍ଥିକ ଦୁରବସ୍ଥା, ଯାନବାହନରେ ତ୍ରୁଟି, ସନ୍ତାନଙ୍କ ବିଶୃଙ୍ଖଳା ॥

### ସିଂହ



ବନ୍ଧୁଙ୍କ ବଦାନ୍ୟତା, ସଂକଟମୁକ୍ତ ହେବେ, ଘଟଣାର ପରିବର୍ତ୍ତନ, ପରିସ୍ଥିତି ହାଲୁକା ରହିବ, ନୂଆ ଯୋଜନା କରିବେ, ପାରିବାରିକ ସଦ୍ଭାବ, ସୁଖ ଶାନ୍ତି ବୃଦ୍ଧି ପାଇବ, ନିର୍ମାଣରେ ଅଗ୍ରଗତି, ପରିବହନରେ ଝଗଡା ॥

### କନ୍ୟା



ଆକସ୍ମିକ କଳହ, ବନ୍ଧୁଙ୍କ ପରାମର୍ଶ, ଉଚ୍ଚଚିନ୍ତା କରିବେ, ଅପ୍ରିୟଭାଷଣରୁ ମତାନ୍ତର, ଧନହାନୀରୁ ମନସ୍ତାପ, ଆତ୍ମୀୟଙ୍କ ଅନାଦର, ଭ୍ରାତୃସମ୍ପର୍କରେ ଉନ୍ନତି, ଜମିଜମାକୁ କେନ୍ଦ୍ରକରି ଉଚ୍ଚବାଚ, ସାହିତ୍ୟ ସଙ୍ଗୀତରେ ପ୍ରଶଂସା, ରୋଗପୀଡା କମିବ ॥

### ତୁଳା



ବନ୍ଧୁପ୍ରିୟ ହେବେ, ପଡୋଶୀଙ୍କ ସମ୍ପର୍କ ବୃଦ୍ଧି, ନୂତନ କର୍ମାରମ୍ଭ, କାମରେ ସଫଳତା, ବିଭିନ୍ନ ସୂତ୍ରରୁ ରୋଜଗାର, ମନୋବଳ ହ୍ରାସ ପାଇବ, ଯାତ୍ରାରେ ଅସୁବିଧା, ଅପଦସ୍ତ ହୋଇପାରନ୍ତି, ଘର ସାଜସଜ୍ଜାରେ ବ୍ୟସ୍ତ ରହିବେ, ପରୋକ୍ଷଶତ୍ରୁତାରୁ ଦୁଃଖ ॥

### ବିଛା



ମାନସିକ ଅସ୍ଥିରତା, କାର୍ଯ୍ୟହାନୀରୁ ମନଦୁଃଖ, ଅନ୍ୟମନସ୍କତାରୁ ସମସ୍ୟା, ଲେଖାପଢାରେ କୁଶଳ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଉପରିସ୍ଥଙ୍କ ପ୍ରଶଂସା, ଆର୍ଥିକ ଅଭିବୃଦ୍ଧି, ବାଣିଜ୍ୟ ବ୍ୟବସାୟରେ ଉନ୍ନତି, ସତ୍‌ସଙ୍ଗର ସୁଯୋଗ ॥

### ଧନୁ



ଶୁଭଖବର ପ୍ରାପ୍ତି, ବକେୟା ପାଇବେ, ଦୂରଯାତ୍ରାର ପରିକଳ୍ପନା, ହଜି ଯାଇଥିବା ଜିନିଷ ପାଇବେ, ପରିସ୍ଥିତି ବଦଳିଯିବ, ସ୍ତ୍ରୀଙ୍କ ପ୍ରେରଣା, ବନ୍ଧୁଙ୍କ ସହଯୋଗ, ଦ୍ୱନ୍ଦ୍ୱର ଅବସାନ ଘଟିବ, ଆଲୋଚନାରେ ଅଗ୍ରଗତି, ସଭାସମିତିକୁ ନିମନ୍ତ୍ରଣ।

### ମକର



ଶାରିରୀକ ଅସୁସ୍ଥତା, ବନ୍ଧୁଙ୍କ ସହାନୁଭୂତି, କଳାପ୍ରିୟ ହେବେ, ମାଙ୍ଗଳିକ କର୍ମର ଆଲୋଚନା, ପ୍ରତିବନ୍ଧକ ଦୂର ହେବ, ଭଲ କୃତିତ୍ୱର ପ୍ରଶଂସା, ଜନକଲ୍ୟାଣ କର୍ମ, ଅଶୌଚ ଖବର ଶୁଣିବେ, ସ୍ଥଗିତ କର୍ମ ଆରମ୍ଭ, ପ୍ରତିରୋଧ ଦୂର ହେବ, ଭୁଲ୍ ବୁଝାମଣାରୁ କଳହ।

### କୁମ୍ଭ



ସ୍ୱାର୍ଥସାଧନରେ ବାଧା, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ନୂତନ ପ୍ରକଳ୍ପାରମ୍ଭ, ପାରିବାରିକ ସହମତି, ସନ୍ଦେହ ଦୂର ହେବ, ଶତ୍ରୁତାର ସମାଧାନ, ରାଜନୈତିକ ବିବାଦ, ପ୍ରଶାସନିକ ତତ୍ପରତା, ସାମ୍ପ୍ରଦାୟିକତାରୁ ଗୌରବ, ଯୋଗସାଧନାରେ ରୁଚି ॥

### ମୀନ



କର୍ମକ୍ଷେତ୍ରରେ ପ୍ରଶଂସା, ପଦୋନ୍ନତିର ସୂଚନା, ଆର୍ଥିକ ଅଭିବୃଦ୍ଧି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ସାଂଗଠନିକ ସଭା, କ୍ରୀଡା କ୍ଷେତ୍ରରେ ସମ୍ମାନ, ସ୍ୱଜନ ଶତ୍ରୁତା, ଧାର୍ମିକ ମନୋବୃତି, ଯୋଜନା କାର୍ଯ୍ୟକାରୀ ହେବ, ଦୁଶ୍ଚିନ୍ତା କମିବ, ଆଶା ପୂରଣ ହେବ।

# ପିତ୍ତଳ କଇଁଛର ବାସ୍ତୁ ମହତ୍ତ୍ୱ

ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ସୁଖସମୃଦ୍ଧି ଓ ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ଘରେ ପିତ୍ତଳର କଇଁଛ ପ୍ରତୀମା ରଖିବା ଶୁଭ ହୋଇଥାଏ। ଏହି ପ୍ରତୀମାକୁ ଘରର ଉତ୍ତର ଦିଗ କିମ୍ବା ଉତ୍ତର-ପୂର୍ବ କୋଣରେ ରଖିବା ସବୁଠୁ ଉପଯୁକ୍ତ ଅଟେ। ବିଶ୍ୱାସ ରହିଛି ଏହି ସ୍ଥାନରେ ପିତତଳ କଇଁଛ ରଖିଲେ, ପରିବାରରେ ସୁଖଶାନ୍ତି ବଢ଼ିଥାଏ। ଘରର ପରିବେଶ ସକାରାତ୍ମକ ରହିଥାଏ। ତା'ଛଡ଼ା ଏହି ପ୍ରତୀମାକୁ ଘରର ମୁଖ୍ୟ ଦ୍ୱାର ଭିତର ପଟକୁ ଘର ଆଡ଼କୁ ମୁହଁ କରି ରଖିବା ବି ଶୁଭଫଳ ଦେଇଥାଏ। ଯଦି ଏହି ପ୍ରତୀମାକୁ ଠାକୁର ଘରେ ରଖିବାକୁ ଚାହୁଁଥାନ୍ତି, ତା'ହେଲେ କଇଁଛର ମୁହଁକୁ ଠାକୁରଙ୍କ ଆଡ଼କୁ କରିକି ରଖିବା ଠିକ୍। ତା'ସହିତ ଆଉ ଏକ କଥାକୁ ଧ୍ୟାନଦେବା ଦରକାର ଯେ, ପିତ୍ତଳର କଇଁଛ ପ୍ରତୀମାକୁ ସବୁବେଳେ ପାଣିରେ ବୁଡେଇକି ରଖିବେ। ଅର୍ଥାତ୍ କଇଁଛର ପାଦ ଯେମିତି ପାଣି ଭିତରେ ବୁଡିକି ରହୁଥିବ। ଆଉ ପ୍ରତିଦିନ ଏହି ପାଣିକୁ ବଦଳାଇବା ସହ ପ୍ରତୀମାକୁ ସଫା କରୁଥିବେ। ବିଶ୍ୱାସ ରହିଛି ଏପରି କଲେ ଘରର ସମୃଦ୍ଧି ବଢ଼ିବା ସହ ପରିବାରରେ ଶାନ୍ତିର ବାତାବରଣ ବଜାୟ ରହିଥାଏ।



# ପାଠକୀୟ

* ମାତୃଭୂମିର ସେବା କରିବାର ପଣ ନେଇ ସୈନ୍ୟବାହିନୀରେ ଯୋଗଦେଇଥିବା ଅନେକ ପରିବାର ଭିତରୁ କେତୋଟି ପରିବାରକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଦେଶ ସେବାରେ ପରିବାର' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ଥିଲା। 'ବେଡ୍‌ରୁମ୍‌ରେ କ'ଣ ରଖିଲେ ଶୁଭ', 'ଏହା ବି ହୋଇପାରେ କଳହର କାରଣ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଧନଞ୍ଜୟ ତ୍ରିପାଠୀ, ସୁନ୍ଦରଗଡ଼*

* ଯେଉଁ ପରିବାରରେ ଜଣେ ସୈନ୍ୟବାହିନୀରେ କାମ କରନ୍ତି ତାଙ୍କ ପରିବାର ପ୍ରତି ଅନ୍ୟମାନଙ୍କର ସାଧାରଣରେ ଭଲ ପାଇବା ଓ ସମ୍ମାନ ଥାଏ, ଯାହା ସେହି ପରିବାରର ଅନ୍ୟ ସଦସ୍ୟମାନଙ୍କୁ ବି ପ୍ରଭାବିତ କରିଥାଏ। ଆଉ ସେମାନେ ମଧ୍ୟ ପରେ ନିଜକୁ ଦେଶସେବାରେ ନିୟୋଜିତ କରିଥାନ୍ତି ; ଯାହାକୁ ଆଧାରକରି ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗରେ ପ୍ରକାଶ ପାଇଥିବା 'ଦେଶ ସେବାରେ ପରିବାର' ଶୀର୍ଷକ ଆଲେଖ୍ୟଟି ସତରେ ବେଶ୍ ପ୍ରେରଣାଦାୟୀ ଥିଲା।

*– ରୂପାଲୀ ସାହୁ, ଭବାନୀପାଟଣା*

* ସେଲିବ୍ରିଟି ସିକ୍ରେଟ୍ ପୃଷ୍ଠାରୁ ଅଭିନେତ୍ରୀ ପୁଣ୍ୟତୋୟା ପାଣିଗ୍ରାହୀଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଅଭିନେତା ତଥା ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଡ. ତୋଫାନ ଜେନାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ବି ବହୁତ ସୁନ୍ଦର ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଆତ୍ମସନ୍ତୋଷ' ଶୀର୍ଷକ ଗପଟି ଖୁବ୍ ମନଛୁଆଁ ହୋଇଥିଲା।

*– ରୁନୀତା ଦାଶ, ପୁରୀ*

* ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ କିଆରା ଆଡୱାନୀଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା। ଗାଳ୍ପିକା କଳ୍ପନା ପରିଡ଼ାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ରୋମାଣ୍ଟିକ୍ ଭରା ଥିଲା। 'ଟ୍ରାଇ କଲର୍ ଇୟର ରିଂ' ଶୀର୍ଷକ ପାଠଟି ବି ତଥ୍ୟପୂର୍ଣ୍ଣ ହୋଇଥିଲା।

*– ଜ୍ୟୋତ୍ସ୍ନା ଧଳ, ଶହୀଦନଗର, ଭୁବନେଶ୍ୱର*

* ମଡେଲ ମିରର୍‌ରେ ବିଏମ୍ ବୈଶାଳୀ ଖୁବ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ ନ୍ୟାଶନାଲ କ୍ରାଫ୍ଟ ମ୍ୟୁଜିୟମ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ଗଣତନ୍ତ୍ର ଦିବସ ପରେଡ୍: କିଛି କଥା' ଶୀର୍ଷକ ପାଠଟି ବି ତଥ୍ୟପୂର୍ଣ୍ଣ ଥିଲା। ବ୍ୟଙ୍ଗ ପୃଷ୍ଠାର 'ଦେବତା, ଭଗବାନ ଓ ଈଶ୍ୱର' ଶୀର୍ଷକ ପାଠଟି ଶିକ୍ଷଣୀୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ପାଠଗୁଡ଼ିକ ବି ଖୁବ୍ ଆଶ୍ଚର୍ଯ୍ୟକର ଥିଲା।

*– ବିନୋଦିନୀ ସାହୁ, ଫୁଲବାଣୀ*



## ବିଶେଷ ଚିଠି

ଦେଶ ସେବାରେ ପରିବାର ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଶିକ୍ଷଣୀୟ ହୋଇଥିବାରୁ
ସଭିଙ୍କୁ ହେଲା ଭାରି ପସନ୍ଦ।
ସିନେମା ପୃଷ୍ଠାଟି ବି
ଥିଲା ଭାରି ଚମତ୍କାର,
ମନ କିଣି ନେଉଥିଲା ପୁଣି
ତୁମ ପ୍ରଥମ ରୋଜଗାର।
ବାକି ପୃଷ୍ଠାଗୁଡ଼ିକ ବି
ବହୁତ ସୁନ୍ଦର ଥିଲା,
ସେଥିପାଇଁ ସବୁବେଳେ
ତୁମକୁ ଏ ମନ ଝୁରିଲା।

*– ରାଜେଶ ପାତ୍ର, ମୟୂରଭଞ୍ଜ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ତୁମେ ଅଛ ବୋଲି

**ସ୍ତ୍ରୀ ପାଇଁ ସ୍ୱାମୀର ଆଉ ସ୍ୱାମୀ ପାଇଁ ସ୍ତ୍ରୀର ଭଲ ପାଇବା ଓ ତ୍ୟାଗ କେତେ ଗଭୀର ହୋଇପାରେ ଏହି ଦମ୍ପତିମାନେ ହେଉଛନ୍ତି ତାହାର ଗୋଟେ ଗୋଟେ ଉଦାହରଣ...**

ବିରଜା
ଓ
ବନସ୍ମିତା



ଶ୍ରୀମାନ୍ ସର୍ବଗିଳା
ଓ
ପ୍ରେମଲତା

ସ୍ୱାମୀସ୍ତ୍ରୀଙ୍କ ସମ୍ପର୍କ ସବୁଠୁ ପବିତ୍ର, ସବୁଠୁ ମଧୁର। ସେଥିରେ ବିଶ୍ୱାସ, ଭଲ ପାଇବା ଯେତିକି ଥାଏ ତ୍ୟାଗ ବି ସେତିକି ଥାଏ। ଏହି ତ୍ୟାଗ ପାଇଁ ମନରେ ତିଳେ ମାତ୍ର ଅବସୋସ ମଧ୍ୟ ନଥାଏ ବରଂ ଜୀବନସାଥୀର ମଙ୍ଗଳ ପାଇଁ ସବୁ ଦୁଃଖକଷ୍ଟ ସହିଯିବାକୁ ମନପ୍ରାଣ ଆଗଭର ଥାଏ। ଯେମିତିକି ଏହି ଦମ୍ପତିମାନେ। ଏମାନଙ୍କ ଜୀବନରେ ବହୁ ଝଡ଼ଝଞ୍ଜା ଆସିଛି। ଦୁଃଖର ପାହାଡ଼ ସତେ ଯେମିତି ଏମାନଙ୍କ ଉପରେ ଅଜାଡ଼ି ହୋଇ ପଡିଛି। କାହା କ୍ଷେତ୍ରରେ ସ୍ୱାମୀଙ୍କର ଶାରିରୀକ ଅସୁସ୍ଥତା ଦେଖା ଦେଇଥିବାବେଳେ ସ୍ତ୍ରୀ ତାଙ୍କର ସାହାରା ସାଜିଛନ୍ତି ତ ଆଉ କାହା କ୍ଷେତ୍ରରେ ସ୍ତ୍ରୀ ମରଣ ସାଙ୍ଗେ ଜୁଝୁଥିବାବେଳେ ସ୍ୱାମୀ ତାଙ୍କୁ ବଞ୍ଚାଇବାକୁ ନିଜ ଜୀବନକୁ ମଧ୍ୟ ବାଜି ଲଗାଇବାକୁ ପଛାଇ ନାହାନ୍ତି। ସେଥିପାଇଁ ତ ଏମାନଙ୍କ ମୁହଁରୁ ତାଙ୍କ ଜୀବନସାଥୀଙ୍କ ଉଦ୍ଦେଶ୍ୟରେ କେବଳ ଗୋଟିଏ କଥା ହିଁ ବାହାରେ, 'ତୁମେ ଅଛ ବୋଲି ମୁଁ ବଞ୍ଚିଛି, ତୁମେ ଅଛ ବୋଲି ମୋ ସଂସାର ଚାଲିଛି...'

**ଶୂନ୍ୟତାରୁ ପୂର୍ଣ୍ଣତାକୁ ଅନୁଭବ କରୁଛୁ:** ଓଡ଼ିଆ ସାହିତ୍ୟ ଜଗତର ଜଣେ ପରିଚିତ ବ୍ୟକ୍ତିତ୍ୱ ହେଲେ **ବିରଜା ରାଉତରାୟ**। ତା'ସହ ସେ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଏବଂ ସମାଜସେବୀ ମଧ୍ୟ। ଦିନ ଥିଲା ସେ ବ୍ୟାଡ୍‌ମିଣ୍ଟନ ଖେଳରେ ବେଶ୍ ପାରିବାର ଥିଲେ। ହେଲେ ଭାଗ୍ୟର ବିଡ଼ମ୍ବନା ତାଙ୍କୁ ଏମିତି ଏକ ମୋଡ଼ରେ ଆଣି ଛିଡ଼ାକଲା, ଖେଳିବା ତ ଦୂର କଥା ନିଜ ଗୋଡ଼ରେ ନିଜେ ଠିଆହେବାକୁ ବି ତାଙ୍କ ପକ୍ଷେ ଆଉ ସମ୍ଭବ ହେଲାନାହିଁ। ତଥାପି ସେ ହାରିଯାଇ ନାହାନ୍ତି। ସମାଜରେ ନିଜର ଏକ ପରିଚୟ ସୃଷ୍ଟିକରିବା ପାଇଁ ସେ ସଂଘର୍ଷ କରିଚାଲିଛନ୍ତି। ଆଉ ତାଙ୍କର ଏହି ଯାତ୍ରାରେ ତାଙ୍କ ଧର୍ମପତ୍ନୀ **ବନସ୍ମିତା ନାୟକ** କେମିତି ମୁଖ୍ୟ ସହଚରୀ ସାଜିଛନ୍ତି ସେ ସମ୍ପର୍କରେ ବିରଜା କୁହନ୍ତି, ''କେନ୍ଦ୍ରାପଡ଼ାର ମାଧବପୁରରେ ଆମେ ରହୁ। ୨୦୦୫ ମସିହା ମେ ୧୧ରେ ବନସ୍ମିତାଙ୍କ ସହ ମୋର ବାହାଘର ହୁଏ। ସେତେବେଳେ ମୁଁ ସାଲେପୁରରେ ଆଡିସନାଲ ତହସିଲଦାର ଥାଏ। ପ୍ରତି ଶନିବାର, ରବିବାର ଘରୁକୁ ଯାଏ। ବାପାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହୋଇ ସେ ଶଯ୍ୟାଶାୟୀ ହୋଇଯାଇଥାନ୍ତି। ବୋଉ ଆଉ ବନସ୍ମିତା ତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ନେଉଥାନ୍ତି। ଶନିବାର ରାତିରେ ଘରେ ପହଞ୍ଚି ବାପାଙ୍କୁ ଟିକେ ଦେଖିଦେଲେ ମୋତେ ଖୁସି ଲାଗେ। ସେ ସମୟରେ ବ୍ୟାଡ୍‌ମିଣ୍ଟନ ଖେଳିବାରେ ମୋର ଭାରି ସଉକ ଥାଏ। ଆମ ଘରଠାରୁ ମାତ୍ର ୩/୪ କି.ମି. ଦୂରରେ ଏକ ଅଫିସର୍ସ ବାରାକ୍ ଥାଏ। ଅଫିସ୍ ଛୁଟିଥିଲେ ସେଠାକୁ ଯାଇ ବେଳେବେଳେ ଖେଳିଥାଏ। ୨୦୦୬ ମସିହା ଜାନୁଆରୀ ୬ରେ ଅଫିସ୍ ଛୁଟିଥିବା ଯୋଗୁ ସନ୍ଧ୍ୟାବେଳେ ସେଠାକୁ ଖେଳିବାକୁ ଯାଇଥାଏ। ଫେରିଲାବେଳକୁ ରାତି ୯ଟା ପାଖାପାଖି ହେବ। ବାଟରେ ଏକ ଅଣଓସାରିଆ ନିଛାଟିଆ ବନ୍ଧ ପଡ଼େ। ହଠାତ୍ ଏକ ବିଲୁଆ ମୋ ବାଇକ୍ ଆଗକୁ ପଳେଇଆସିଲା। ଭାରସାମ୍ୟ ହରାଇ ଗାଡ଼ିର ଆଗ ଚକଟି ଏକ ଗାତ ଭିତରେ ପଶିଗଲା ଆଉ ମୁଁ ଗାଡ଼ିରୁ ଛିଟିକି ପଡି ଗଡ଼ି ଗଡ଼ି ଯାଇ ବନ୍ଧ ତଳେ ପଡ଼ିଗଲି। ମେରୁଦଣ୍ଡରେ ମୋର ଗଭୀର ଆଘାତ ଲାଗିଥାଏ। ଉଠିବାକୁ ସକ୍ଷମ ହେଉ ନ ଥାଏ। ଯେତେ ପାଟିକରି ଡାକିଲେ ବି ଶୁଣିବାକୁ ଆଖପାଖରେ କେହି ନ ଥାନ୍ତି। ରାତିସାରା ସେଇଠି ପଡ଼ି ଛଟପଟ ହେଉଥାଏ। ଭୋର୍ ୪ଟା କି ସାଢ଼େ ୪ଟା ହେବ, ଜଣେ ବ୍ୟକ୍ତି ସେହି ରାସ୍ତା ଦେଇ ଯିବାର ଦେଖିଲି। ପାଟିକରି ଡାକିବାରୁ ସେ ମୋ ପାଖକୁ ଆସିଲେ। ତାଙ୍କୁ କହିଲି , ସେହି ଅଫିସର୍ସ ବାରାକ୍‌ରେ ଟିକେ ଖବର ଦେବା ପାଇଁ। ସେ ତୁରନ୍ତ ଯାଇ ଖବର ଦେବାରୁ ସମସ୍ତେ ଦୌଡ଼ାଦୌଡ଼ି ହୋଇ ଆସିଲେ ଆଉ ମୋତେ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ନେଇଗଲେ। ସେଠାକାର ଡାକ୍ତର କହିଲେ, 'ୟା'ଙ୍କର ନେକ୍‌ଡାଉନ୍ ପାରାଲିସିସ୍ ଅର୍ଥାତ୍ ବେକଠାରୁ ପାଦ ପର୍ଯ୍ୟନ୍ତ ସବୁକିଛି ଅଚଳ ହୋଇଯାଇଛି, ତେଣୁ ତୁରନ୍ତ କଟକ ଡାକ୍ତରଖାନା ନେଇଯାଆନ୍ତୁ। କଟକ ଆସିଲୁ, ହେଲେ କଟକ ଡାକ୍ତର କହିଲେ, ''ୟା'ଙ୍କର ଯେଉଁ ଅବସ୍ଥା, ଭେଣ୍ଟିଲେଟର ଦରକାର ପଡ଼ିପାରେ, ଆମର ଖାଲି ନାହିଁ, ତାଙ୍କୁ କଳିଙ୍ଗ ହସ୍ପିଟାଲ ନେଇଯାନ୍ତୁ।'' ତା'ପରେ କଳିଙ୍ଗ ହସ୍ପିଟାଲରେ ଦେଢ଼ମାସ ଚିକିତ୍ସାରେ ରହିଲି। ହେଲେ କିଛି ବି ସୁଫଳ ମିଳିଲା ନାହିଁ। ତା'ପରେ ଡାକ୍ତର ଫିଜିଓଥେରାପି ଚିକିତ୍ସା କରିବାକୁ ପରାମର୍ଶ ଦେଲେ। ମୋ ବଡ଼ଭାଇ ଅରବିନ୍ଦ ରାଉତରାୟ ଡାକ୍ତରଖାନାରେ ମୋର ଖୁବ୍ ଯତ୍ନ ନେଉଥିଲେ। ସାଙ୍ଗସାଥୀ, ବନ୍ଧୁବାନ୍ଧବ ବି ମଝିରେ ମଝିରେ ଆସୁଥିଲେ। ବନସ୍ମିତା ମଧ୍ୟ ପ୍ରାୟ ସମୟ ଆସୁଥିଲେ କିନ୍ତୁ ବାପାଙ୍କ ଦେଖାଚାହାଁ ପାଇଁ ସେ ବାଧହୋଇ ଘରକୁ ଫେରିଯାଉଥିଲେ। ପ୍ରତିଥର ମୋ ଅବସ୍ଥା ଦେଖି ତାଙ୍କ ଆଖିରେ ଲୁହ ଆସି ଯାଉଥିଲେ ବି ମୋତେ ଲୁଚାଇ ଲୁହ ପୋଛିଦେଉଥିଲେ ଆଉ ସବୁ ଠିକ୍ ହୋଇଯିବ ବୋଲି ମୋତେ ଦମ୍ଭ ଦେଇ ଯାଉଥିଲେ। ଯେତେବେଳେ ଫିଜିଓଥେରାପି ପାଇଁ ମୋତେ ଓଲଟପୁର ଯିବାକୁ ପଡ଼ିଲା ସେତେବେଳେ କିନ୍ତୁ ବନସ୍ମିତା ମୋ ସାଙ୍ଗେ ଗଲେ। ପ୍ରାୟ ବର୍ଷେ ସେଠାରେ ଆମେ ରହିଲୁ। ମୋର ସବୁ ଦାୟିତ୍ୱ ସେ ବୁଝୁଥିଲେ। ବର୍ଷେ ପରେ ମୋ ଭିତରେ କେବଳ ଏତିକି ପରିବର୍ତ୍ତନ ହୋଇଥିଲା ଯେ, ମୋତେ ଜଣେ କିଏ ଧରିଲେ ବହୁ କଷ୍ଟରେ ଟିକେ ଛିଡ଼ାହୋଇପାରୁଥିଲି। ତା'ପରେ ସେମାନେ କହିଲେ, ତୁମେ ଏବେ ଘରକୁ ଯାଅ, ସେଠି ତମର ଟ୍ରିଟ୍‌ମେଣ୍ଟ ଚାଲିବ। ଘରେ ବି ସାଢେ ୪ବର୍ଷ ଫିଜିଓଥେରାପି ସାଙ୍ଗକୁ ନ୍ୟୁରୋ ଟ୍ରିଟ୍‌ମେଣ୍ଟ ଚାଲିଲା। ଏତେ ପରେ ବି ସମ୍ପୂର୍ଣ୍ଣ ଠିକ୍ ହୋଇ ପାରିଲିନାହିଁ। ହୁଇଲ ଚେୟାରର ସାହାଯ୍ୟ ନେବାକୁ ପଡ଼ିଲା। ସବୁଦିନ ପାଇଁ ଦୁଇ ହାତ, ଦୁଇ ଗୋଡ଼ ଅର୍ଦ୍ଧ ଅଚଳ ଅବସ୍ଥାରେ ରହିଗଲା। ଏ ଅବସ୍ଥାରେ ବି ମୁଁ ପୁଣି ଥରେ ଅଫିସ୍ ଜଏନ୍ କରିବାକୁ ଇଚ୍ଛାକରି ଆଡିସନାଲ ତହସିଲଦାର ଭାବେ କେନ୍ଦ୍ରାପଡ଼ା ତହସିଲ୍‌ର ଦାୟିତ୍ୱ ନେଲି। କିନ୍ତୁ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଚାକିରି ସରିବାକୁ ଆଉ ୧୧ ବର୍ଷ ବାକି ଥିଲା, ବାଧହୋଇ ୨୦୨୨ ସେପ୍ଟେମ୍ବରରେ ଅତିରିକ୍ତ ଉପଜିଲାପାଳ ଭାବେ କେନ୍ଦ୍ରାପଡ଼ାରୁ ସ୍ୱେଚ୍ଛାକୃତ ଭାବେ ଅବସର ନେଇଗଲି। ତା'ପରେ 'ପୁନର୍ବାସ' ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ିଲି ; ଯାହାକି ଦିବ୍ୟାଙ୍ଗମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଇଥାଏ। ତା'ସହ ଲେଖାଲେଖିର ଧାରା ବି ଜାରି ରଖିଲି। ତେବେ ଏଠାରେ ଗୋଟେ କଥା କହି ରଖିବାକୁ ଚାହେଁ ଯେ, ଏବେ ମୁଁ ଯାହା ବି କରିବାକୁ ସକ୍ଷମ ହୋଇପାରିଛି, ସବୁରି ପଛରେ ମୋ ସ୍ତ୍ରୀ ବନସ୍ମିତାଙ୍କ ବହୁ ସହଯୋଗ ରହିଛି। ଯେତେବେଳେ ଗୋଟେ ଝିଅ ବାହାହୋଇ ଆସେ, ତା'ର ଅନେକ ସ୍ୱପ୍ନ ଆଉ ଇଚ୍ଛା ଥାଏ। କିନ୍ତୁ ବାହାଘରର ଅଳ୍ପ କିଛିଦିନ ପରେ ମୋ ସହ ଯେଉଁ ଘଟଣା ଘଟିଲା, ସେଥିରେ ବିଚଳିତ ନ ହୋଇ ବରଂ ପ୍ରତି କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ମୋତେ ସେ ସାହାଯ୍ୟର ହାତ ବଢ଼ାଇ ଆସିଛନ୍ତି। ମୋତେ, ମୋ ପରିବାର ସବୁ କିଛିକୁ ସେ ସମ୍ଭାଳିଛନ୍ତି। ତାଙ୍କ ମୁହଁରେ ଟିକେ ବି ଅବସୋସ କି ଅବସାଦ ଆଜିଯାଏଁ ମୁଁ ଦେଖିନାହିଁ। ନିଜେ ଦମ୍ଭ ହୋଇଛନ୍ତି ଆଉ ମୋତେ ଦମ୍ଭ କରାଇଛନ୍ତି। ଦୁର୍ଘଟଣା ପରେ ମୁଁ ଲେଖାଲେଖି ପୂରା ଛାଡ଼ି ଦେଇଥିଲି। ସେ ହିଁ ମୋତେ ପ୍ରେରଣା ଦେଇଥିଲେ ତୁମେ ନିଶ୍ଚୟ

→



ପାରିବ ବୋଲି। ମୋ ପାଖେ ବସି କହୁଥିଲେ, ତୁମେ ଡାକ ମୁଁ ତୁମ ପାଇଁ ଲେଖିବି। ବାସ୍, ସେବେଠାରୁ ପୁଣି ମୋର ସାହିତ୍ୟ ଜଗତକୁ ପ୍ରବେଶ ହେଲା। ସତରେ ବନସ୍ମିତା ନ ଥିଲେ ମୋ ପରିଚୟ କେବେଠୁ ଲିଭିସାରନ୍ତାଣି। ଏମିତି ବାହାରୁ ଦେଖିଲେ ଲାଗିବ ଆମ ଭିତରେ ବହୁତ ଶୂନ୍ୟତା ରହିଛି, କିନ୍ତୁ ସେହି ଶୂନ୍ୟତାରୁ ଆମେ ଦୁହେଁ ପୂର୍ଣ୍ଣତାକୁ ଅନୁଭବ କରିଚାଲିଛୁ।''

**ସକାରାତ୍ମକ ଭାବନାରେ ଆମେ ଜୀବନ ଜିଉଁଛୁ:** ପ୍ରକୃତ ନାଁ ତାଙ୍କର ରତ୍ନାକର ବେହେରା। କିନ୍ତୁ ବ୍ୟଙ୍ଗକାର **ଶ୍ରୀମାନ୍ ସର୍ବଗିଳା** ଭାବେ ସେ ବେଶ୍ ପରିଚିତ। ତାଙ୍କର ବ୍ୟଙ୍ଗାତ୍ମକ ଲେଖାରେ ପାଠକଙ୍କୁ କେବେ ହସାନ୍ତି ତ ପୁଣି କେବେ ସାମାଜିକ ଶିକ୍ଷା ଦେଇଥାନ୍ତି। ବ୍ୟକ୍ତିଗତ ଜୀବନରେ ବି ସେ ଜଣେ ହସଖୁସିଆ ଲୋକ। କିନ୍ତୁ ଦୈବ ଯୋଗରୁ ତାଙ୍କ ସହ ଏମିତି ଏକ ଦୁର୍ଘଟଣା ଘଟିଯାଇଛି ; ଯାହାକୁ ଶୁଣିଲେ ଯେ କେହି ବି ଦୁଃଖ ପ୍ରକାଶ କରିବା ସ୍ୱାଭାବିକ। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହାକୁ ନେଇ ସେ କେବେ ଦୁଃଖ କରି ନାହାନ୍ତି କି ନିଜ ମନୋବଳକୁ ଦୁର୍ବଳ କରିନାହାନ୍ତି। ବରଂ ଯାହା ଘଟିଯାଇଛି, ତାହାକୁ ସେ ସକାରାତ୍ମକ ଭାବେ ଗ୍ରହଣକରି ନିଜ ଧର୍ମପତ୍ନୀ **ପ୍ରେମଲତା ବେହେରାଙ୍କ** ସହଯୋଗରେ ଆଗକୁ ଆଗେଇ ଚାଲିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ଶ୍ରୀମାନ୍ ସର୍ବଗିଳା କୁହନ୍ତି, ''ସେଦିନ ଥିଲା ୨୦୨୧ ମସିହା ଜୁଲାଇ ୬ ତାରିଖ ପୂର୍ବାହ୍ନ ୧୦ଟା ପାଖାପାଖି ହେବ। ପିପିଲିରୁ ନିମାପଡ଼ା ରାସ୍ତାରେ ବାଇକ୍ ନେଇ ଯାଉଥାଏ। ପୁଅର ଶ୍ୱଶୁରଘରେ ପହଞ୍ଚିବାକୁ ଆଉ କିଛି ବାଟ ବାକିଥାଏ। ବାଟରେ ଶୋଷ ଲାଗିବାରୁ ଗୋଟେ ଗଛ ପାଖରେ ବାଇକ୍ ରଖି ବୋତଲରୁ ପାଣି ପିଉଥାଏ। ସେଇ ରାସ୍ତା ଦେଇ ହାଇଓ୍ୱା ଗାଡ଼ିଟେ ଆସୁଥାଏ। ହଠାତ୍ ଭାରସାମ୍ୟ ହରାଇ ଗାଡ଼ିଟି ମୋ ଦେହରେ ପିଟିହୋଇଗଲା। ମୁଁ ରାସ୍ତାରେ ଛିଟିକି ପଡ଼ିଲି, ଆଉ ଗାଡ଼ିଟି ମୋ ଦୁଇ ଗୋଡ଼ ଉପରେ ଚଢ଼ି ଚାଲିଗଲା। ଦୁଇ ଗୋଡ଼ର ହାଡ ପୂରା ଚୂନା ହୋଇଯାଇଥାଏ। ଭୀଷଣ କଷ୍ଟ ହେଉଥାଏ,  କିନ୍ତୁ ମୁଁ ହୋସ୍‌ରେ ଥାଏ। ପାଖରେ ଥିବା ଲୋକମାନେ ଦୌଡ଼ାଦୌଡ଼ି ହୋଇ ଆସି ମୋତେ ଉଠାଇ ବସାଇଦେଲେ। ଧୈର୍ଯ୍ୟହରା ନ ହୋଇ ମୁଁ ନିଜେ ପକେଟ୍‌ରୁ ଫୋନ୍ କାଢ଼ି ମୋ ପୁଅକୁ ଆଉ ଆମ୍ବୁଲାନ୍ସକୁ ଟିକେ ଫୋନ୍ କରିଦେବାକୁ ସେମାନଙ୍କୁ କହିଲି। ଫୋନ୍ ପାଇ ସଙ୍ଗେ ସଙ୍ଗେ ପୁଅ ଆଉ ତା' ଶଳା ଆସି ମୋତେ ଆମ୍ବୁଲାନ୍ସ ଯୋଗେ ପିପିଲି ଡାକ୍ତରଖାନା ନେଲେ। କିନ୍ତୁ ସେମାନେ ଫେରାଇଦେବାରୁ କ୍ୟାପିଟାଲ ହସ୍ପିଟାଲ ଗଲୁ, ସେଠି ବି କିଛି ହେଲାନି, ତା'ପରେ କଟକ ଗଲୁ। ଯେହେତୁ କରୋନା ସମୟ ଥିଲା, ତେଣୁ ଚିକିତ୍ସାରେ ବିଳମ୍ବ ହେଉଥିଲା। ଯାହା ହେଉ କୋଭିଡ୍ ଟେଷ୍ଟକରି କଟକ ବଡ଼ ଡାକ୍ତରଖାନାରେ ମୋର ପ୍ରାଥମିକ ଚିକିତ୍ସା କରାଗଲା। କିନ୍ତୁ ଅବସ୍ଥା ଗୁରୁତର ହେବାରୁ ବାଧହୋଇ ପୁଅ ସେହିଦିନ ରାତିରେ ମୋତେ ନେଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇଲା। ପରଦିନ ମୋର ବାମପଟ ଜଙ୍ଘ ପାଖରୁ ଗୋଡ଼କୁ କାଟିବାକୁ ପଡ଼ିଲା। ଡାହାଣ ପଟ ଗୋଡ଼କୁ ଭଲ କରିବାକୁ ଡାକ୍ତରମାନେ ବହୁ ଚେଷ୍ଟାକଲେ, କିନ୍ତୁ ହେଲାନାହିଁ। ୧୨ ଦିନ ପରେ ସେ ଡାକ୍ତରଖାନାରୁ ଆଉ ଏକ ବଡ଼ ଘରୋଇ ଡାକ୍ତରଖାନାକୁ ନିଆଗଲା। ସେଠି ୬ଘଣ୍ଟା ଧରି ଡାହାଣ ଗୋଡ଼ର ଅସ୍ତ୍ରୋପ୍ରଚାର ଚାଲିଲା। କିନ୍ତୁ କିଛି ବି ଲାଭ ହେଲାନାହିଁ। ମୁଁ ନିଜେ ଡାକ୍ତରଙ୍କୁ ଅନୁରୋଧ କଲି ଗୋଡ଼ଟିକୁ କାଟିଦେବା ପାଇଁ। ଦୁଇଟି ଯାକ ଗୋଡ଼ ଜଙ୍ଘ ପାଖରୁ କଟାଯିବା ପରେ ମୁଁ ହୁଇଲ୍ ଚେୟାରକୁ ନିଜର ସାହାରା କରିନେଲି। ତେବେ ଏଠାରେ ଗୋଟେ କଥା କହି ରଖିବାକୁ ଚାହେଁ ଯେ, ମୋର ଏତେ ବଡ଼ ଦୁର୍ଘଟଣା ସମ୍ପର୍କରେ ମୋ ସ୍ତ୍ରୀ ପ୍ରେମଲତାଙ୍କୁ ଜଣାଇବାକୁ ମୁଁ ପିଲାମାନଙ୍କୁ ମନା କରିଦେଇଥିଲି। କାରଣ ଏ ଘଟଣାର କିଛିଦିନ ପୂର୍ବରୁ ତାଙ୍କ ଦେହ ଭୀଷଣ ଖରାପ ଥିଲା। କରୋନା ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ମରଣ ସହ ସେ ଦୀର୍ଘ ୧ମାସ ଲଢ଼ିଥିଲେ। ଆମେ ତ ଆଶା ଛାଡ଼ିଦେଇଥିଲୁ ସେ ଆଉ ବଞ୍ଚିବେ ନାହିଁ ବୋଲି। ପ୍ରଭୁଙ୍କ ଅପାର କୃପାରୁ ସେ ଭଲ ହୋଇ ଘରକୁ ଫେରିଲେ। ନିଜ କାମ କରିବାକୁ ସେ ଅସମର୍ଥ ଥିବାରୁ ତାଙ୍କର ସବୁ ଦେଖାଚାହାଁ ମୁଁ କରୁଥିଲି। ଶାରିରୀକ ଭାବେ ସୁସ୍ଥ ଥିଲେ ବି ତାଙ୍କର ମାନସିକ ସ୍ଥିତି ଭଲ ରହୁ ନ ଥିଲା। ସେ ଘରକୁ ଫେରିବାର ମାତ୍ର ୧୫ ଦିନ ପରେ ମୋର ଏହି ଦୁର୍ଘଟଣା ହେଲା। ଘରେ ମୋତେ ନ ଦେଖି ବେଳେବେଳେ ପିଲାମାନଙ୍କୁ ମୋ କଥା ପଚାରୁଥିଲେ। ପିଲାମାନେ ଯାହା ସିଆଡୁ କହି ତାଙ୍କୁ ବୁଝାଇଦେଲେ ସେ ବୁଝି ଯାଉଥିଲେ। କିନ୍ତୁ ୨ ମାସ ପରେ ଯେତେବେଳେ ମୁଁ ଡାକ୍ତରଖାନାରୁ ହୁଇଲ୍ ଚେୟାରରେ ବସି ଘରକୁ ଫେରିଲି, ସେ ମୋ ଅବସ୍ଥା ଦେଖି ଭୋ ଭୋ ହୋଇ କାନ୍ଦି ଉଠିଲେ। ସେତିକିବେଳେ ମୁଁ ତାଙ୍କୁ ଗୋଟେ କଥା କହିଲି, ତୁମେ କାନ୍ଦୁଛ କ'ଣ, ତମର ତ ଏବେ କରଜ ଶୁଝିବା ସମୟ। ତୁମ ଦେହ ଖରାପବେଳେ ମୁଁ ତମର ଯତ୍ନ ନେଉଥିଲି, ଆଉ ଏବେ ତମେ ମୋର ଯତ୍ନ ନେବ। ସେ ମୋ ମୁହଁକୁ ଖାଲି ବଲବଲ ହୋଇ ଚାହିଁ ରହିଥିଲେ, କିଛି ବି କହିପାରୁ ନ ଥିଲେ। କିନ୍ତୁ ଆଖିରୁ ତାଙ୍କର ଧାର ଧାର ହୋଇ ଲୁହ ଗଡ଼ିଯାଉଥିଲା। ସେବେଠାରୁ ପ୍ରତି କ୍ଷେତ୍ରରେ ସେ ମୋର ସହଚାରିଣୀ ହୋଇ ମୋ ସାଙ୍ଗେ ଆଗକୁ ଆଗେଇ ଚାଲିଛନ୍ତି। ଚାକିରି କରୁଥିଲି, ଏ ଘଟଣା ପରେ ସ୍ୱେଚ୍ଛାକୃତ ଭାବେ ଚାକିରି ଛାଡ଼ି ଲେଖାଲେଖିକୁ ଟିକେ ବେଶି ସମୟ ଦେଲି। ଏ ପର୍ଯ୍ୟନ୍ତ ସର୍ବମୋଟ ମୋର ୧୦ଖଣ୍ଡ ବହି ପ୍ରକାଶ ପାଇସାରିଲାଣି। ତା'ସହିତ ନିଜ ମନୋବଳକୁ ଦୃଢ଼କରି ପୁଅ ଓ ସ୍ତ୍ରୀଙ୍କ ସହଯୋଗରେ ୟା'ଭିତରେ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ କେତୋଟି ଦର୍ଶନୀୟ ସ୍ଥାନ ମଧ୍ୟ ବୁଲିସାରିଲିଣି। ଜୀବନରେ ମୋର ଆଉ କିଛି ବି ଅବସୋସ ନାହିଁ।''

**ସେ ମୋ ଜୀବନକୁ ପରିପୂର୍ଣ୍ଣ କରିଛନ୍ତି:** ଜଣେ କବି ଓ ସ୍ତମ୍ଭକାର ଭାବେ **ସତ୍ୟନାରାୟଣ ଗନ୍ତାୟତ** ବେଶ୍ ପରିଚିତ। ରାୟଗଡ଼ାରେ ରୁହନ୍ତି। ଦୁଇ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ବି ହୋଇଛନ୍ତି। ତା'ସହ ଏଲ୍ଆଇସିର ସେ ଜଣେ ଅବସରପ୍ରାପ୍ତ କର୍ମଚାରୀ। ଓଡ଼ିଶାର ଜଣାଶୁଣା ହାସ୍ୟବ୍ୟଙ୍ଗ ସ୍ରଷ୍ଟା ଗନ୍ତାୟତ ଶିବପ୍ରସାଦଙ୍କର ସେ ହେଲେ ବଡ଼ଭାଇ। ସେମାନେ ହେଲେ ୨ ଭାଇ ଓ ଗୋଟେ ଭଉଣୀ। ଜନ୍ମ ସମୟରେ ୩ଭାଇ ଭଉଣୀ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। କିନ୍ତୁ ସମୟକ୍ରମେ ସେମାନେ ସମସ୍ତେ 'ଇଡିଓପାଥିକ ସ୍କୋଲିଓସିସ୍ ଅଫ୍ ଅନ୍‌ନୋନ୍ ଅରିଜିନ୍' ରୋଗରେ ଆକ୍ରାନ୍ତ ହୋଇଗଲେ। ଏହି ରୋଗର ପ୍ରଭାବ ମେରୁଦଣ୍ଡ ଉପରେ ବେଶି ପଡ଼ିଥାଏ। ରୋଗ ବଢିଗଲେ ଚାଲିବାର କ୍ଷମତା ଧୀରେ ଧୀରେ କମିବାକୁ ଲାଗେ। କେତେକଙ୍କ କ୍ଷେତ୍ରରେ ତ ସହାୟକ ତଥା ହୁଇଲ୍ ଚେୟାର ବ୍ୟବହାରର ଆବଶ୍ୟକତା ପଡିଥାଏ। ଏହି ରୋଗରେ ଆକ୍ରାନ୍ତ ହୋଇ ମାତ୍ର ୪୦ ବର୍ଷ ବୟସରେ ତାଙ୍କ ସାନଭାଇ ଆରପାରିକୁ ଚାଲିଗଲେ। ବଡ଼ ଭଉଣୀ ବିବାହ କରିପାରିଲେ ନାହିଁ। ସତ୍ୟନାରାୟଣ ନିଜେ ବି ଶାରୀରିକ ଭାବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ଥିଲେ। ଏ କ୍ଷେତ୍ରରେ ତାଙ୍କ ହାତ ଧରି ତାଙ୍କର ଜୀବନସାଥୀ ସାଜିଲେ **ରୀନା ଗନ୍ତାୟତ**। →

ସେବେଠାରୁ ତାଙ୍କ ବୈବାହିକ ଜୀବନଯାତ୍ରା କେମିତି ଚାଲିଛି ସେ ସମ୍ପର୍କରେ ସତ୍ୟନାରାୟଣ କୁହନ୍ତି, ''ମୋର ଶାରୀରିକ ଅବସ୍ଥା ପାଇଁ ମୁଁ ବାହାହେବାକୁ ରାଜି ନ ଥିଲି। ଖୁବ୍ ଛୋଟବେଳୁ ବାପା ଚାଲି ଯାଇଥିଲେ। ଘରର ସବୁ ଦାୟିତ୍ୱ ବୋଉ ବୁଝୁଥିଲେ। ବଡ଼ ଭଉଣୀ ଶାରୀରିକ ଭାବେ ସୁସ୍ଥ ନ ଥିଲେ ବି ମାନସିକ ଭାବେ ଭାରି ଦମ୍ଭ ଥିଲେ। ସେ ବୋଉ ପାଖେ ପାଖେ ରହି ଘରର ସବୁ ଭଲମନ୍ଦ କଥା ତଦାରଖ କରୁଥିଲେ। ତା'ସହ କବିତା ଲେଖାଲେଖି ବି କରୁଥିଲେ। ଏମିତିରେ ମୋର ରୀନାଙ୍କ ସହ ପ୍ରସ୍ତାବ ପଡ଼ିଲା। ମୁଁ ତ ଭାବିଥିଲି ମୋତେ ଦେଖି ତାଙ୍କ ଘର ଲୋକେ ଆଉ ରୀନା ଅରାଜି ହେବେ। କିନ୍ତୁ ସେମାନେ ଏତେ ବୁଝିବାର ଲୋକ ଥିଲେ ଯେ, ମୋତେ ଦେଖିଲା ପରେ ନିଜେ ରୀନା ଏ ବାହାଘରରେ ରାଜି ହୋଇଥିଲେ। ସେ ଜଣେ ଧର୍ମପରାୟଣା ମହିଳା। ମୋ ଘର ଆଉ ପରିବାରକୁ ସେ ସମ୍ପୂର୍ଣ୍ଣ ସମ୍ଭାଳିନେଲେ। ସେ ଦିନେ ହେଲେ ମୋତେ କିଛି ବି ମାଗିନାହାନ୍ତି। କେବଳ ନିଜର କର୍ତ୍ତବ୍ୟ କରିଚାଲିଛନ୍ତି। ବୋଉ, ବଡ଼ ଭଉଣୀ ଆଉ ସାନ ଭାଇର ସବୁ କଥା ବୁଝିବା ସହ ମୋତେ ମଧ୍ୟ ଯେତେ ସମ୍ଭବ ସାହାଯ୍ୟ କରିଛନ୍ତି। ସାନ ଭାଇ ମାତ୍ର ୪୦ ବର୍ଷରେ ଆରପାରିକୁ ଚାଲିଗଲା। ବଡ଼ ଭଉଣୀ ୬୪ ବର୍ଷରେ ଗଲେ, ଆଉ ସେ ଯିବାର ମାତ୍ର ୬ ମାସ ଭିତରେ ବୋଉ ବି ଚାଲିଗଲେ। ସମସ୍ତଙ୍କୁ ହରାଇ ମୁଁ ପୁରା ଭାଙ୍ଗି ପଡିଥିଲି। ସେତେବେଳେ ରୀନା ହିଁ ମୋତେ ଆଉ ଆମର ଦୁଇଝିଅଙ୍କୁ ସମ୍ଭାଳିଥିଲେ। ଠିକ୍ ସେମିତି ୨୦୨୨ରେ ଲଙ୍ଗ୍‌ସରେ ପାଣି ଜମି ଯିବାରୁ ଶ୍ୱାସକ୍ରିୟା କରିବାରେ ମୋର ଅସୁବିଧା ହେଲା। କିଛିଦିନ ଡାକ୍ତରଖାନାରେ ଚିକିତ୍ସା ହେବା ପରେ ସେ ସମସ୍ୟାରୁ ସିନା ମୁକ୍ତି ମିଳିଗଲା ହେଲେ ଦୁର୍ବଳତା ଯୋଗୁ ଯାହା ଟିକେ ଚଲାବୁଲା କରିପାରୁଥିଲି ସେତକ ବି ଆଉ କରିପାରିଲି ନାହିଁ। ଫିଜିଓଥେରାପି ଚିକିତ୍ସା କରିବାକୁ ଡାକ୍ତର ପରାମର୍ଶ ଦେଲେ। ରୀନା ହିଁ ସେତେବେଳେ ସବୁ ଦାୟିତ୍ୱ ନେଇ ନିୟମିତ ମୋର ଫିଜିଓଥେରାପି କଥା ବୁଝିବା ସହ ପୁଣି ଚାଲିପାରିବ ବୋଲି ମୋତେ ଦମ୍ଭ ଦେଉଥିଲେ। ତାଙ୍କରି ପ୍ରେରଣାରେ କିଛିଦିନ ପରେ ମୁଁ ଧୀରେ ଧୀରେ କାର୍ଯ୍ୟକ୍ଷମ ହେବାକୁ ଲାଗିଲି। ଏବେ ଆପାତତଃ ଟିକେ ସୁସ୍ଥ ଅଛି। ୟା'ଭିତରେ ଆମ ବଡ଼ ଝିଅ ବାହାହୋଇ ତା'ର ଘରସଂସାର କଲାଣି। ସାନ ଝିଅ ପାଠ ପଢୁଛି। ରୀନା ପିଲାମାନଙ୍କୁ ଭଲ ସଂସ୍କାର ଦେଇ ବଢ଼େଇଛନ୍ତି ଆଉ ମୋ ସଂସାରକୁ ସୁନାର ସଂସାର କରିଛନ୍ତି। କହିବାକୁ ଗଲେ ରୀନାଙ୍କ ପାଇଁ ମୋର ଏହି ଅଧୁରା ଜୀବନ ପରିପୂର୍ଣ୍ଣ ହୋଇପାରିଛି।''

**ସ୍ୱାମୀଙ୍କ ପାଇଁ ନୂଆ ଜୀବନ ପାଇଲି:** ଭୁବନେଶ୍ୱର ପୋଖରିପୁଟର ଲିଙ୍ଗରାଜ ବିହାରରେ ସପରିବାରେ ରୁହନ୍ତି **ଜଗନ୍ନାଥ ସାହୁ** ଓ ତାଙ୍କ ସ୍ତ୍ରୀ **ପ୍ରଭାତୀ ବେହେରା**। ପ୍ରଭାତୀ ଗୃହିଣୀ ହୋଇଥିବାବେଳେ ଜଗନ୍ନାଥ ୨୦୨୦ରୁ ଷ୍ଟେଟ୍ ବ୍ୟାଙ୍କ ଚାକିରିରୁ ଅବସର ନେଇସାରିଛନ୍ତି। ପୁଅ ଶିବପ୍ରସାଦ କିଛିଦିନ ତଳେ ଷ୍ଟେଟ୍ ବ୍ୟାଙ୍କରେ କ୍ଲରିକାଲ୍ ପୋଷ୍ଟରେ ଚାକିରି ପାଇଛନ୍ତି। ଆଉ ଝିଅ ଅନାମିକା ଏବେ ପିଏଚ୍.ଡି. ପାଇଁ ପ୍ରସ୍ତୁତ ହେଉଛନ୍ତି। କହିବାକୁ ଗଲେ ହସଖୁସିରେ ଭରା ଛୋଟ ପରିବାରଟିଏ। ହେଲେ କିଛିଦିନ ତଳେ ଏଇ ପରିବାର ଉପରକୁ ଘନେଇ ଆସିଥିଲା ଏକ ବିରାଟ ଝଡ଼। ଜୀବନ ମରଣ ସହ ସଂଘର୍ଷ କରୁଥିଲେ ପ୍ରଭାତୀ ଆଉ ତାଙ୍କୁ ବଞ୍ଚାଇବାକୁ ସ୍ୱାମୀ ଜଗନ୍ନାଥଙ୍କୁ କେତେଯେ ଯନ୍ତ୍ରଣା ସହିବାକୁ ପଡ଼ିଥିଲା ତାହା କଳନା କରିହେବ ନାହିଁ। ସେ ବିଷୟରେ ପଚାରିଲେ କାନ୍ଦ କାନ୍ଦ ହୋଇ ପ୍ରଭାତୀ କୁହନ୍ତି, ''ସେଦିନ ଥିଲା ୨୦୧୪ ଡିସେମ୍ବର ୧ ତାରିଖ ସନ୍ଧ୍ୟା ସମୟ। ଘରେ କେହି ନ ଥାନ୍ତି। ସ୍ୱାମୀ ଅଫିସ୍‌ରେ ଆଉ ପୁଅଝିଅ କଲେଜରୁ ଫେରି ନ ଥାନ୍ତି। ପଡ଼ିଶାଘରର ଛୋଟ ପୁଅଟିଏ ପ୍ରତିଦିନ ଭଳି ସେଦିନ ବି ଆମ ଘରେ ବସି ଟିଭି ଦେଖୁଥାଏ। ମୁଁ ଠାକୁରଘରେ ସନ୍ଧ୍ୟା ଦେଉଥାଏ। ଅନ୍ୟମନସ୍କ ଭାବେ ମୋ ଶାଢ଼ିରେ ଦୀପରୁ ନିଆଁ ଲାଗିଗଲା। ସିଫନ୍ ଶାଢ଼ି ପିନ୍ଧିଥିବାରୁ ନିଆଁକୁ ଆୟତ୍ତ କରିପାରିଲିନାହିଁ। ଅଣ୍ଟାରେ ଗଣ୍ଠି ପକାଇ ଶାଢ଼ିକୁ ପିନ୍ଧିଥିବାରୁ ତାକୁ ବି ସହଜରେ ଖୋଲିପାରୁ ନ ଥିଲି। ହୁତୁହୁତୁ ହୋଇ ନିଆଁ ଜଳୁଥିଲା, କ'ଣ କରିବି କିଛି ବି ବୁଦ୍ଧି ଦିଶୁ ନ ଥିଲା। ଖାଲି ଚିଲାଉଥିଲି। ମୋ ପାଟି ଶୁଣି ଟିଭି ପାଖରୁ ଦୌଡ଼ି ଆସିଲା ସେ ଛୋଟ ଛୁଆଟି ଆଉ ମୋ ଅବସ୍ଥା ଦେଖି ସେ କାନ୍ଦି କାନ୍ଦି ବାହାରକୁ ଯାଇ ତା' ଘର ଲୋକଙ୍କୁ ଡାକି ଆଣିଲା। ସେତେବେଳକୁ ମୋ ଶରୀରର ୫୦% ଅଂଶ ପୋଡ଼ିସାରିଥାଏ ଆଉ ମୁଁ ବେହୋସ୍ ହୋଇଯାଇଥାଏ। ବେକ, ମୁହଁ ଆଉ ଚୁଟିକୁ ଛାଡ଼ିଦେଲେ ଶରୀରର ବାକି ଅଂଶକୁ ଆଉ ଚାହିଁହେଉ ନ ଥାଏ। ପଡ଼ିଶା ଲୋକେ ସଙ୍ଗେ ସଙ୍ଗେ ମୋତେ ୬ ନଂ. ଡାକ୍ତରଖାନାକୁ ନେଇଗଲେ। ମୋ ସ୍ୱାମୀଙ୍କୁ ବି ଫୋନ୍‌କରି ସବୁକଥା ଜଣାଇଦେଲେ। ସେ ଆସି ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ କହିଲେ, ''ଆମେ ପ୍ରାଥମିକ ଚିକିତ୍ସାକରି ଦେଇଛୁ, କିନ୍ତୁ ଅବସ୍ଥା ଗୁରୁତର ଅଛି, ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେଇଯାଆନ୍ତୁ।'' ହେଲେ ଏତେ ବାଟ ନେବାଟା ବିପଦପୂର୍ଣ୍ଣ ହେବ ବୋଲି ଭାବି ସ୍ୱାମୀ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ମୋର ଚିକିତ୍ସା କରାଇଲେ। ପ୍ରାୟ ୨୩ ଦିନ ପର୍ଯ୍ୟନ୍ତ ଉକ୍ତ ଡାକ୍ତରଖାନାର ବର୍ନ ୟୁନିଟ୍‌ରେ ମୋର ଚିକିତ୍ସା ଚାଲିଲା। ପ୍ରତିଦିନ ଡ୍ରେସିଂ, ମେଡିସିନ ଆଦିରେ ବହୁ ଟଙ୍କା ଖର୍ଚ୍ଚ ହେଉଥିଲା। ୨୩ ଦିନ ପରେ ଡାକ୍ତର ସ୍ୱାମୀଙ୍କୁ କହିଲେ, ''ଆପଣଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଟିକେ ଭଲ ଆଡ଼କୁ ଗତି କରୁଛି। କାହାକୁ ଜଣକୁ ଠିକ୍ କରନ୍ତୁ ; ଯିଏ ତାଙ୍କ ସ୍କିନ୍‌ରୁ କିଛି ଡୋନେଟ୍ କଲେ ଆମେ ତାଙ୍କର ପ୍ଲାଷ୍ଟିକ୍ ସର୍ଜରି ପାଇଁ ଚେଷ୍ଟା କରିବୁ।'' ଏକଥା ଶୁଣି ସ୍ୱାମୀ ଓ ପୁଅ ଉଭୟେ ସ୍କିନ୍ ଡୋନେଟ୍ କରିବାକୁ ଆଗେଇଆସିଲେ। କିନ୍ତୁ ପୁଅକୁ ମନାକରି ସ୍ୱାମୀ ନିଜେ ହିଁ ତାଙ୍କର ସ୍କିନ୍ ଦେଲେ। ତାଙ୍କର ଉଭୟ ପଟର ଜଙ୍ଘରୁ ଆଣ୍ଠୁ ପର୍ଯ୍ୟନ୍ତ ସ୍କିନ୍‌କୁ ପ୍ୟାଚ୍ ପ୍ୟାଚ୍ କରି କଟାଯାଇ ମୋ ଦେହରେ ଆଣି ସର୍ଜରି କରାଯାଉଥିଲା। ଏହା ଏତେ କଷ୍ଟସାଧ୍ୟ ଥିଲା ଯେ, ପାଖାପାଖି ୩ ମାସ ନା ଠିକ୍‌ରେ ସେ ଚାଲି ପାରୁଥିଲେ ନା ବସିଉଠି ପାରୁଥିଲେ। କିଛିଦିନ ଛୁଟିରେ ରହିବା ପରେ ସବୁ ଯନ୍ତ୍ରଣାକୁ ନିଜ ଭିତରେ ଚାପି ପରିବାର ପାଇଁ ବହୁ କଷ୍ଟରେ ଯାଇ ଅଫିସ୍‌ରେ କାମ କରୁଥିଲେ। ନିଜକୁ ଦମ୍ଭ କରିବା ସହ ମୋତେ ଆଉ ପୁଅଝିଅଙ୍କୁ ଧୈର୍ଯ୍ୟହରା ନ ହେବାକୁ ସବୁବେଳେ ବୁଝାଉଥିଲେ। ପିଲାମାନେ ବି ଖୁବ୍ ବୁଝିବାର ଥିଲେ। ସ୍କିନ୍ ଡୋନେଟ୍ କଲାପରେ ଯେଉଁ କେତେଦିନ ସ୍ୱାମୀ ଚାଲିବୁଲି ପାରୁ ନ ଥିଲେ, ତାଙ୍କର ସମସ୍ତ ନିତ୍ୟକର୍ମ ପୁଅ କରୁଥିଲା। ପ୍ରାୟ ୩ମାସ ମୁଁ ଡାକ୍ତରଖାନାରେ ରହିଲି। ଘରକୁ ଆସି ବି ପାଖାପାଖି ବର୍ଷେ ପର୍ଯ୍ୟନ୍ତ କିଛି କାମ କରିପାରୁ ନ ଥିଲି। କଲେଜ ସମୟକୁ ଛାଡ଼ିଦେଲେ ବାକି ସମୟତକ ପୁଅଝିଅ ମୋ ପାଖେ ପାଖେ ରହି ମୋର ଖୁବ୍ ଯତ୍ନ ନେଉଥିଲେ। ଏହି ଦୁର୍ଦ୍ଦିନରେ ଶାଶୁ, ନଣନ୍ଦ ଆଉ ମୋ ବୋଉ ଘରକୁ ମୋର ପୂରା ସମ୍ଭାଳି ନେଇଥିଲେ। ସାହିପଡ଼ିଶା, ବନ୍ଧୁବାନ୍ଧବମାନେ ବି ଅନେକ ସାହାଯ୍ୟ କରିଥିଲେ ଆଉ ମୋ ପାଇଁ କିଏ କେତେ ପୂଜାବ୍ରତ ମଧ୍ୟ ରଖିଥିଲେ। ଯାହା ହେଉ ଭଗବାନ୍‌ଙ୍କ କୃପା ଓ ସମସ୍ତଙ୍କ ସେବା ଓ ଆଶୀର୍ବାଦରୁ ମୁଁ ମରଣ ମୁହଁରୁ ରକ୍ଷାପାଇଲି। ବିଶେଷକରି ମୋତେ ଏଇ ନୂଆ ଜୀବନ ଦେବାରେ ମୋ ସ୍ୱାମୀଙ୍କର ଯେଉଁ ତ୍ୟାଗ ଆଉ ଶ୍ରଦ୍ଧା ରହିଥିଲା ତାହାକୁ କେବେ ବି ଭୁଲିପାରିବିନାହିଁ।''

କେବଳ ଏମାନେ ନୁହଁନ୍ତି, ଏମାନଙ୍କ ପରି ଆହୁରି ଅନେକ ପତିପତ୍ନୀ ବି ଆମ ସମାଜରେ ଅଛନ୍ତି ; ଯେଉଁମାନେ ନିଜ ଖୁସିକୁ ଭୁଲି ଜୀବନସାଥୀର ସୁଖଦୁଃଖକୁ ଆପଣାର କରି ତାଙ୍କ ସହିତ ପାଦରେ ପାଦ ମିଶାଇ ଆଗେଇ ଚାଲିଛନ୍ତି।

–ଅନ୍ୱିତା ମିଶ୍ର



ସତ୍ୟନାରାୟଣ ଓ ରୀନା



ଜଗନ୍ନାଥ ଓ ପ୍ରଭାତୀ

# କଥାର ନଈ : ଅରୁଣ ଓ ହିରଣ୍ମୟୀ









ସେ ଦୁହେଁ ଜୀବନ ନଦୀର ପ୍ରଖର ସ୍ରୋତରେ ଭାସି ଯାଉଥିବା ଦୁଇ ଖଣ୍ଡ ଅସହାୟ କାଠଗଡ଼ ନୁହନ୍ତି । ରକ୍ଷଣଶୀଳତା ନିକଟରେ ଆତ୍ମ ସମର୍ପଣ କରି ଦେଉଥିବା ଦୁର୍ବଳ ସତ୍ତା ନୁହନ୍ତି । ବରଂ ସେ ଦୁହେଁ ସ୍ରୋତରେ ଭାସି ନ ଯାଇ ପରସ୍ପରକୁ ପ୍ରଳୟ ପ୍ଲାବନ ଭିତରେ ଖୋଜି ପାଆନ୍ତି । ବିଚ୍ଛେଦକାରୀ ସ୍ରୋତକୁ ବେଖାତିର କରି ଏକ ଦିବ୍ୟ ପାରସ୍ପରିକତାରେ ଛନ୍ଦି ହୋଇରୁହନ୍ତି । ନିଜର ଆସ୍ପୃହା ଅନୁସାରେ ଜୀବନର ଗତି ପଥ ନିର୍ଦ୍ଧାରଣ କରନ୍ତି ଓ ସେହି ବାଟରେ ଦମ୍ଭର ସହ ଗତି କରନ୍ତି । ବଞ୍ଚନ୍ତି ବେସାଲିସ, ବେପରୱା ଅଥଚ ଅର୍ଥପୂର୍ଣ୍ଣ ଜୀବନ । ଜଣେ କଥାକୁହା ଚିରସ୍ରୋତା ନଈ ଆଉ ଜଣେ ଅସଂଖ୍ୟ କାହାଣୀ ପେଡ଼ିକୁ ନିଜ ଭିତରେ ସମାହିତ କରିଥିବା କଥାର ସାଗର । ଜଣେ ଜୀବନକୁ ଜାଣିଛନ୍ତି ଅଭାବରୁ । ଆଉ ଜଣକ ଅଭାବକୁ ଅଭ୍ୟାସ କରିଛନ୍ତି ସ୍ୱଚ୍ଛଳ ଜୀବନରୁ । ଜଣେ ଆବେଗକୁ ଆୟୁଧ କରି ଲଢ଼ିଛନ୍ତି କଥାରେ– ଅସଙ୍ଗତ ବ୍ୟବସ୍ଥା ବିରୁଦ୍ଧରେ, ଆଉ ଜଣେ ପାଖେ ପାଖେ ଥାଇ ମନୋବଳ ଢାଳି ଦେଇଛନ୍ତି ପ୍ରେମ ଓ ବିଶ୍ୱାସରେ । ବ୍ୟକ୍ତିଗତ ବିଚାରରେ ହୁଏତ ଫରକ ଥାଇପାରେ କିନ୍ତୁ ଦେଖିଲେ, ମିଶିଲେ, ଜାଣିଲେ ଲାଗିବ ଈଶ୍ୱର ଯେମିତି ଖୁବ ଫୁରସତରେ ତିଆରି କରିଛନ୍ତି ଏହି ଯୋଡ଼ିକୁ ଆଉ କେଉଁ ପ୍ରେମୀ ଯୁଗଳଙ୍କୁ ଅଭିମନ୍ତ୍ରିତ କରିବାକୁ ପ୍ରେମରେ । ଉଭୟଙ୍କ ବୃତ୍ତି ଅଧ୍ୟାପନା – ଜଣେ ରାଜନୀତି ବିଜ୍ଞାନର ପ୍ରାଧ୍ୟାପିକା ସୁସାହିତ୍ୟିକା ଡକ୍ଟର ହିରଣ୍ମୟୀ ମିଶ୍ର ଓ ଆର ଜଣଙ୍କ ତାଙ୍କ ଜୀବନସାଥୀ ଅବସରପ୍ରାପ୍ତ ଅଧ୍ୟକ୍ଷ ଅରୁଣ କୁମାର ନାୟକ । ଉଭୟଙ୍କ ମିଳନର କ୍ଷେତ୍ର ଅଡ଼ଶପୁର ମହାବିଦ୍ୟାଳୟ ।

ହିରଣ୍ମୟୀ ଓ ଅରୁଣଙ୍କ ଜୀବନଚର୍ଯ୍ୟା ଦେଖିଲେ ଲାଗେ ଉଭୟଙ୍କ ଲାଗି ଜୀବନ ଏକ ଯାନ୍ତ୍ରିକ ଅଭ୍ୟାସ ମାତ୍ର ନୁହେଁ । ଦୁହେଁ ଜୀବନକୁ ଦେଖନ୍ତି ସର୍ଜନଶୀଳ ଦୃଷ୍ଟିରେ । ଜୀବନରୁ ସବୁ ଆବିଳତା ପୋଛି ସେଥିରେ ଭରି ଦିଅନ୍ତି ସମ୍ଭାବନାର ନୂଆ ନୂଆ ରଙ୍ଗ । ପ୍ରେମ ଆଉ କଣ କି ! ଜୀବନକୁ ଗଢ଼ିବାର, ଜୀବନରେ ରଙ୍ଗ ଭରିଦେବାର ଏକ କୋମଳ ପ୍ରତ୍ୟୟ ତ । ନେତୃତ୍ୱ ନେବାରେ ଉଭୟେ ଥିଲେ ପାରଙ୍ଗମ । ପୂଜାଛୁଟିରେ ସହକର୍ମୀ ଓ ସେମାନଙ୍କ ପରିବାର ସହିତ ଦୀଘା ଓ ଦାର୍ଜିଲିଂ ବୁଲିଯିବାର ସମୟରେ ଯାତ୍ରାପଥରେ ହିଁ ପରସ୍ପରକୁ ଅଧିକ ଜାଣିବାକୁ ସମୟ ଓ ସୁଯୋଗ ପାଇଥିଲେ ଦୁହେଁ । ଉଭୟେ ସ୍ୱଭାବରେ ସ୍ନେହୀ, ଦାୟିତ୍ୱସମ୍ପନ୍ନ ଓ ଯତ୍ନଶୀଳ । ସୁତରାଂ ଅରୁଣଙ୍କ ଅଲକ୍ଷ୍ୟରେ ତାଙ୍କ ଅସୁସ୍ଥତାରେ ଯତ୍ନ ନେଇ, ତାଙ୍କୁ କାମରେ ସହଯୋଗ କରି ପ୍ରତିଭାମୟୀ ହିରଣ୍ମୟୀ ଅଚିରେ ଅରୁଣଙ୍କ ହୃଦୟରେ ଘର କରିନେଲେ । ସମ୍ପର୍କର ଆରମ୍ଭ ହୋଇଥିଲା ବନ୍ଧୁତାରୁ ଯାହା ପ୍ରେମ ହୋଇ ଶାଖା ପ୍ରଶାଖା ମେଲେଇ ବସିଲା ସନ୍ତର୍ପଣରେ । ଦୁହେଁ କଥା ହୁଅନ୍ତି ଖୁବ । ମଜାରେ କୁହନ୍ତି ଅରୁଣ , 'କଥା ହେବାକୁ ମୁଁ ହିରଣ୍ମୟୀଙ୍କ ପାଖକୁ ବସରେ ଆସେ ଭୁବନେଶ୍ୱର ଏବଂ ମୋତେ ସେ ବାଣୀବିହାର ଯାଏ ବଳେଇ ଆସିବା ପରିବର୍ତ୍ତେ କଥା ହୋଇ ହୋଇ ପଳେଇ ଆସନ୍ତି ଅଡ଼ଶପୁର । କଥା ସରେନି । ମନ ପୂରେନି । ସାଙ୍ଗସାଥି ବୁଝିଥିଲେ ଉଭୟେ ପ୍ରେମରେ ଅଛନ୍ତି । ସୁତରାଂ ତହିଁରେ ସାର୍ଥକତା ଭରିବାକୁ ବିବାହ ବନ୍ଧନରେ ବାନ୍ଧି ହେବାକୁ ପ୍ରବର୍ତ୍ତାନ୍ତି । ଉଭୟଙ୍କ ପରିବାର ଭିତରେ ପାର୍ଥକ୍ୟର ବିରାଟ ପ୍ରାଚୀର । ଜାତିକୁ ନେଇ, ଶ୍ରେଣୀକୁ ନେଇ, ଚଳଣୀକୁ ନେଇ କାହିଁ କେତେ ପ୍ରତିବନ୍ଧକ । ସ୍ୱାଚ୍ଛନ୍ଦ୍ୟରେ, ଆଦରରେ ବଢ଼ିଥିବା ହିରଣ୍ମୟୀଙ୍କ ପିତା ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରଫେସର ମଦନ ମୋହନ ମିଶ୍ର । ଭାଇ ଓ ଭଉଣୀମାନେ ନିଜ ନିଜ ସ୍ଥାନରେ ଉଚ୍ଚ ପ୍ରତିଷ୍ଠିତ । ଅପର ପକ୍ଷରେ ଅରୁଣ ନିଜେ ଥିଲେ ବହୁକୁଟୁମ୍ବୀ ଅଭାବୀ ପରିବାରର ଏକମାତ୍ର ରୋଜଗାରକ୍ଷମ ମୁରବି । ହିରଣ୍ମୟୀ କେବଳ ଦେଖିଥିଲେ ଅରୁଣଙ୍କ ସୁନ୍ଦର ହୃଦୟକୁ । ତାଙ୍କ ଭିତରେ ଥିବା ଅଖଣ୍ଡ ବନ୍ଧୁତା ଓ ସମ୍ମାନକୁ । ସେତିକି ହିଁ ଥିଲା ତାଙ୍କ ପାଇଁ ପୁଞ୍ଜି ଅରୁଣଙ୍କ ସହ ବୈବାହିକ ବନ୍ଧନରେ ବାନ୍ଧିହେବାକୁ । ପାରମ୍ପରିକ ବ୍ୟବସ୍ଥାକୁ ମାନୁଥିବା ଭାଇମାନେ ପ୍ରସ୍ତୁତ ନଥିଲେ ମାନିନେବାକୁ ଉଭୟଙ୍କ ସମ୍ପର୍କ । ବୁଝୁଥିଲେ ଉଦାର ହୃଦୟଧାରୀ ପିତା ମଦନ ମୋହନ । ବୁଝୁଥିଲେ ବଡ଼ ଭଉଣୀ ସାହିତ୍ୟିକା ଚିନ୍ମୟୀ । ସ୍ୱାଭିମାନୀ ଅରୁଣ କହିଥିଲେ ହିରଣ୍ମୟୀଙ୍କୁ ଫୋନରେ , ''ଟଙ୍କାଏ ବି ଘରୁ ହାତରେ ନନେଇ ଆସିଯାଅ, ମୁଁ ଅପେକ୍ଷାରେ ଥିବି ବରମୁଣ୍ଡାରେ । ନ ଆସିଲେ ବି କିଛି କଥା ନାହିଁ , ତୁମକୁ ମୁଁ କେବେ ଭୁଲ ବୁଝିବି ନାହିଁ ।'' ଘର ଛାଡ଼ି ବସରେ ବସିଥିଲେ ହିରଣ୍ମୟୀ ନିଜକୁ ସମ୍ପୂର୍ଣ୍ଣ ଭାବରେ ଅରୁଣମନସ୍କ କରି । କୁହନ୍ତି ହିରଣ୍ମୟୀ , ବସ ଭଡ଼ାରୁ ବଳି ପଡିଥିବା ଦେଢ଼ ଟଙ୍କାକୁ ମୁଁ ମୁଠେଇ ଧରିଥାଏ ହାତ ପାପୁଲିରେ । ଅରୁଣ କହିଲେ, ଫିଙ୍ଗିଦିଅ ଆଉ ମୁଁ ଫିଙ୍ଗିଦେଲି ସେହି ବସ ଷ୍ଟାଣ୍ଡରେ । ଅର୍ଥ ନୁହେଁ ଦାମ୍ପତ୍ୟ ଆରମ୍ଭ ହେଲା ନିଚ୍ଛୁଟା ପ୍ରେମରୁ । ଅରୁଣ ବରଂ ଜାଣିଥିଲେ ହିରଣ୍ମୟୀଙ୍କ ପରିବାର ସମ୍ପର୍କରେ ଜାଣି ନ ଥିଲେ କିନ୍ତୁ ହିରଣ୍ମୟୀ ଅରୁଣଙ୍କ ପରିବାର ବିଷୟରେ । ମନ୍ଦିରରେ ନିଆରା ବିବାହ ସମ୍ପନ୍ନ ହେଲା । ପ୍ରେମରେ ଘର ଛାଡ଼ି ଆସିଥିବା ହିରଣ୍ମୟୀଙ୍କୁ ସେହିଭଳି ଆପଣେଇ ନେଇପାରି ନ ଥିଲେ ଅରୁଣଙ୍କ ପରିବାର । ଅରୁଣ କୁହନ୍ତି, 'ମୋ ସହ ଛୋଟ ଏକ ଭଡ଼ା ଘରେ ରହୁଥିଲେ ମୋ ପୁତୁରା, ଭଣଜା ଓ ସାନ ଭଉଣୀ । ହିରଣ୍ମୟୀଙ୍କ କ୍ଲାସ ଆରମ୍ଭ ସକାଳ ସାତଟା ପଇଁଚାଳିଶରେ ଏବଂ ତା ପୂର୍ବରୁ ସେ ସକାଳ ଜଳଖିଆ ଓ ମଧ୍ୟାହ୍ନ ଖାଦ୍ୟ ପ୍ରସ୍ତୁତ କରିଯାଆନ୍ତି ନିୟମିତ ଭାବରେ । ଏଇଠି ସୂଚେଇ ଦିଆଯାଇପାରେ ଯେ ଘରେ ଓ ହଷ୍ଟେଲ ଜୀବନରେ ସ୍ୱଚ୍ଛନ୍ଦ ଥିବା ହିରଣ୍ମୟୀ ଆଦୌ ଅଭ୍ୟସ୍ତ ନଥିଲେ ଚୁଲି କି ଷ୍ଟୋଭ ଜାଳି ରୋଷେଇ କରିବାରେ । ସମ୍ପର୍କର ଗହଳି ଭିତରେ ରହି , ଅଭାବ ଓ ଆରୋପର ଚାପ ବୋହି ହିରଣ୍ମୟୀ ହିଁ ବାହିନେଲେ ଅରୁଣଙ୍କ ସଂସାରର ନାଆକୁ ସଫଳ ଭାବରେ । ଅରୁଣ କୁହନ୍ତି , ''ହିରଣ୍ମୟୀ ନିର୍ଭୀକ, ବିଦୁଷୀ । ଘର ସହ ବାହାରର ସମସ୍ତ କାମକୁ ସେ କରିପାରନ୍ତି ଆଗ୍ରହରେ । ସମସ୍ତଙ୍କୁ ସ୍ନେହ ଶ୍ରଦ୍ଧାରେ ବାନ୍ଧିପାରନ୍ତି, ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି, ଧାର ଉଧାର କରିବାକୁ ବିରୋଧ କରନ୍ତି । ଜୀବନରେ ସବୁ ପ୍ରକାର ଆହ୍ୱାନକୁ ସାମ୍ନା କରିପାରନ୍ତି, ଯାହା ମୁଁ କେବେ କରିପାରେ ନାହିଁ । ମୁଁ କେବଳ ସହଯୋଗ କରେ ଏବଂ ତହିଁରେ ନିଷ୍ପାପର ରୁହେ ।'' 'ଏତେ ସୁଖ ସୁବିଧା , ଏତେ ପ୍ରଶଂସା ଓ ପ୍ରସିଦ୍ଧି , ଘରର ତୀବ୍ର ବିରୋଧ ଏସବୁ ସତ୍ତ୍ୱେ ଅରୁଣ କାହିଁକି' ପ୍ରଶ୍ନର ଉତ୍ତରରେ ସଲ୍ଲଜ ହସଟେ ହସି କୁହନ୍ତି ହିରଣ୍ମୟୀ, ''ଅରୁଣଙ୍କ ବ୍ୟକ୍ତିତ୍ୱ , ମୋ ପ୍ରତି ଥିବା ତାଙ୍କ ସମ୍ମାନବୋଧ, ତାଙ୍କ ନୈତିକତା , ପାରିବାରିକ ବ୍ୟବସ୍ଥା ପ୍ରତି ଥିବା ତାଙ୍କର କର୍ତ୍ତବ୍ୟବୋଧ ବହୁତ ଭଲ ଲାଗିଥିଲା ମୋତେ । ଆଜି ବି ମୋର ସବୁ ସାଙ୍ଗ ତାଙ୍କର ପ୍ରିୟ ସାଙ୍ଗ ।''

ଉଭୟେ ଉଭୟଙ୍କ ପାଇଁ ଯେତିକି ଆବେଗପ୍ରବଣ, ପାରିବାରିକ ଦାୟିତ୍ୱ ଗ୍ରହଣ କରିବାରେ ସେତିକି ଦୃଢ଼ ଓ ଅବିଚଳ । କୁନି କନ୍ୟା ସନ୍ତାନକୁ ପିତା ଅରୁଣଙ୍କ ହେପାଜତରେ ଛାଡି ହିରଣ୍ମୟୀ ଉଚ୍ଚ ଶିକ୍ଷା ଓ ଗବେଷଣା ପାଇଁ ବିଦେଶକୁ ତିନି ବର୍ଷ ଯାଇଛନ୍ତି । ସମ୍ଭାଳିଛନ୍ତି ଅରୁଣ ମାଆ ହୋଇ ଛୁଆର ଦାୟିତ୍ୱକୁ । ସହଯୋଗ କରିଛନ୍ତି ହିରଣ୍ମୟୀଙ୍କ ଶିକ୍ଷାକୁ ନେଇ ସ୍ୱପ୍ନକୁ ସାକାର କରିବାରେ । ଯାବତୀୟ ବିରୋଧକୁ ଏଡେଇ ପୋଷ୍ୟ କନ୍ୟା ସନ୍ତାନ ଗ୍ରହଣ ପରେ ଉଭୟେ ଜାଣିଲେ କନ୍ୟା ସନ୍ତାନଟି ନିହାତି ସ୍ୱତନ୍ତ୍ର । ଖୁବ ଲୋଡ଼ା ତାକୁ ଯତ୍ନ । ଖାସ୍ ଝିଅ ପାଇଁ ନିଜର ଆଉ ସନ୍ତାନ ଚାହିଁଲେ ନାହିଁ ସେ । ପ୍ରେମ ମାନେ ତ୍ୟାଗ, ପ୍ରେମ ମାନେ ଦାୟବଦ୍ଧତା, ପ୍ରେମ ଅର୍ଥ ସମର୍ପଣର ଭାବ ଯାହା ଉଭୟେ ବୁଝିଥିଲେ । ସୁକନ୍ୟା ନେହା ପାଇଁ ଆଦର୍ଶ ପିତାମାତା ସାଜିଥିଲେ । ନୂଆ ଉତ୍ସାହ ଓ ଅଫୁରନ୍ତ ଅନୁରାଗ ନେଇ ସେ ଦୁହେଁ ଜୀବନକୁ କରିତୋଳନ୍ତି ମହିମ୍ନ । ଜୀବନ ତେଣୁ ସେ ଦୁହିଁଙ୍କୁ ମଣିଦିଏ ଏମିତି ପାରସ୍ପରିକତାରେ ଯେ ବାସ୍ତବତାର ଟାଙ୍ଗର ଦେହରେ ବୁଣି ହୋଇଯାଏ ଅନୁରାଗର ରଙ୍ଗବେରଙ୍ଗର ଫୁଲ । ଉଭୟଙ୍କୁ ଦେଖିଲେ ଲାଗେ ନୂଆ ସର୍ଜନର ନୂଆ ସୱାଦ ନେଇ ଦୁହେଁ ଜୀବନ ଦେବତାର ଆବାହନ କରନ୍ତି । ସେ ବାଟରେ ଯାହା ପ୍ରତିବନ୍ଧକ ଆସେ ତାହା ଛାଏଁ ଦୁର୍ବଳ ହୋଇ ପଡେ ।

–ମାନମୟୀ ରଥ
ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିଫୁଟ, ପୁରୀ
ମୋ: ୭୯୭୮୫୬୭୩୯୯



## ଜଣେ କବି

—ବନ୍ଦନା ପଣ୍ଡା

**ଖା**ତାର ପଛ ପୃଷ୍ଠାରେ
ଅନାବନା ଲେଖିବା ମୋର ଅଭ୍ୟାସ
ସେଥିରେ ରହିଥାଏ ଭରି
ଜୀବନରେ ଭଙ୍ଗାରୁଜା ସ୍ୱପ୍ନଙ୍କର
ଜ୍ୱଳନ୍ତ ଉଚ୍ଛ୍ୱାସ ।
ଏମିତି ସମସ୍ତେ କୁହନ୍ତି
କବି ଖାଲି ଲେଖେ ବୋଲି
କିନ୍ତୁ ସେ କେବେ ଲେଖେ ନାହିଁ
କୋହ ଲୁହ ଆଉ ହସ ମିଶି ଆଣିଦିଏ
ସିକ୍ତ ହୃଦୟରେ ଶବ୍ଦ ଖଞ୍ଜିବାର
ପ୍ରବଣ ପ୍ରୟାସ ।
କାହିଁକି କହିବି ତୁମେ ମୋତେ
ଭଲ ପାଅ ନାହିଁ !!
ସବୁଠାରୁ ନିଆରା ତୁମ
ଆପଣାଇବାର ଢଙ୍ଗ
ଜାଣେନି ସେସବୁ କିନ୍ତୁ
ସମ୍ପାଦିତ ଆବେଗ ଅଥବା
ଭିନ୍ନ ଏକ ଋତୁର ପ୍ରସ୍ତ ପ୍ରସ୍ତ ରଙ୍ଗ ।
ଚିକିମିକି ପ୍ରଜାପତି
କୋରକରେ ବସିଥାଏ
ଲୁଚି ଲୁଚି ପଛେ ଯାଇ
ଚୁପ କରି ଧରି ନିଏ ।
ଚିତ୍ରିତ ଡେଣା ଧରି
ତୁରନ୍ତ ଉଡ଼ିଯାଆନ୍ତା ସେ...
ସେ କିନ୍ତୁ ଜାଣି ଜାଣି
ମୋ ହାତରେ ଆପେ ଆପେ ଧରା ଦିଏ ।
ତୁମେ ହୁଏତ ଆଉ କିଛି ଚାହଁ,
କବିତାର ଅତରରେ ମୃତ୍ୟୁ ଖୋଜୁଥାଅ ।
ଦୂରେଇ ଯିବାରେ ତୁମେ ଯଦି ପାଅ ସୁଖ...
କାହିଁକି ରୋକିବି କୁହ ?
ପଣ ମୁଁ କରିଛି ପରା !!
ତୁମ ସୁଖେ ସୁଖ ମୋର
ତୁମ ଦୁଃଖେ ଦୁଃଖ ...।

*—ଲୁମ୍ବିନୀ ବିହାର, ଭୁବନେଶ୍ୱର*
*ମୋ:୯୪୩୭୪୨୮୬୪୯*

## ଅଝଟ ଖରାବେଳ

—ଅମିୟ ବେଜ

.....**ମୁଁ** ସେଦିନ ସମାନ ବେଳାରେ ଗାଧୋଇ ବାହାରିଲି । ମାନେ ସାଢ଼େ ବାରଟାରେ ।
ମା' ନାଲିଆଖି ଦେଖାଇ କହିଲା –
ଜଲଦି ଆସିବୁ । ଭାତ ବାଢୁଛି । ମାଛି ବସିଲେ ଅବା ଥାଳିରେ ଭାତ ରହିରହି ଶୁଖିଗଲେ, ତୋ ପିଠିରୁ ଚମଡ଼ା ଉତ୍ତାରି ଦେବି ।
ଆଜିଯାଏ ମା' କେବେ ମୋ ପିଠିରୁ ଚମଡ଼ା କାଢ଼ିବାର ପ୍ରମାଣ ନାହିଁ ବରଂ ସିଏ ପ୍ରଥମେ ବାପାଙ୍କ ଆଗରେ ଫେରାଦ ହୋଇ ମୋତେ ତାଙ୍କ ହାତରୁ ମାଡ଼ ଖୁଆଏ । ପରେପରେ ବାପାଙ୍କ ଅନୁପସ୍ଥିତିରେ ମୋ ପିଠି ଆଉଁସେ ଓ ମଲମ ଲଗାଏ ।
ମା'ର ଏମିତି ଚାଲାଖି ମୋତେ ପସନ୍ଦ ହୁଏନି ।
ମୁଁ ପୋଖରୀ ଯିବା ବାଟଭାଙ୍ଗି ସୌଦାମିନୀ ଘର ବାରିପଟକୁ ପାଦ ମୋଡ଼ିଲି । ଆଗପଛ ହୋଇ ଦେଖିନେଲି କେହି ଯେ ଏକଥାକୁ ଦେଖିଲେ କି ନାହିଁ ।
ବାରିପଟ କୂଅମୂଳେ ପାଣି କାଢି , ଗୋଡ଼ ଲମ୍ବେଇ ବସିଛି ସୌଦାମିନୀ । ମୁଁ ତାଙ୍କ ବାରିପଟ ବାଡ଼ ଫାଙ୍କରୁ କୂଅମୂଳକୁ ଦେଖୁଛି । ତସଲାରେ କୂଅ ପାଣି । ଗୋଟେ ଅସନା ଭଙ୍ଗା ପ୍ଲାଷ୍ଟିକ ମଗ ଧରି ସିଏ ସେଇ ପାଣିକୁ ଓଲଟାଉଛି ।
ପାଣିକୁ ଚାହିଁଛି । ଚାହୁଁଛି । ଚାହିଁ ରହିଛି । ଅଥଚ ଦେହକୁ ଛାଡୁନି । ତସଲେ ପାଣିରେ ନିଜ ମୁହଁ ଦେଖୁଛି । ପାଣିକୁ ଚହଲାଇ ପୁଣି ସ୍ଥିର କରୁଛି । ଆଉ ମୁହଁ ଦେଖୁଛି ।
ମୁଁ ବିକଳ ହେଲି ।
ଆଗକୁ ବଢୁନି ସୌଦାମିନୀ ।
ଝିଅମାନେ ବୋଧେ ସବୁଠାରୁ ଅଧିକା ଅନ୍ୟମନସ୍କ । ପୁଅମାନେ ସର୍ବାଧିକ ଅସ୍ଥିର , ଅଧୈର୍ଯ୍ୟ ଓ ବ୍ୟତିବ୍ୟସ୍ତ ।
ସୌଦାମିନୀ ପାଣି ସହ ଖେଳୁଛି । ପାଣି ତା' ସହ ଖେଳୁଛି ।
ବାରିପଟ ବାଡ଼ ଫାଙ୍କରୁ ମୁଁ ଯେ ଏକଥାକୁ ଲୁଚିଲୁଚି ଦେଖୁଛି । ଆଉ ମୋତେ ଦେଖୁଥିବାର କେହି ଦେଖିନେଲେ ...
ଭାରି ନିଷ୍ଠୁର ଏଇ ସୌଦାମିନୀ । ପାଣିଖେଳ ତା'ର ସରୁନି ।
ମା' ବାଢ଼ିଥିବା ଭାତ ଶୁଖିସାରିବଣି । ସେଇ ଭାତରେ ମାଛି ଭଣଭଣ ହୋଇ ଉଡ଼ିବେଣି ।
ସେଥିପାଇଁ ମା' ବାପାଙ୍କ ଆଗରେ ଫେରାଦ ହୋଇସାରିବଣି ।
ନା ସୌଦାମିନୀ ନିଜ ଅନ୍ୟମନସ୍କତା ଭାଙ୍ଗୁଛି ।
ନା ମୁଁ ଗାଧୋଇପାଧୋଇ ଘରକୁ ଫେରିପାରୁଛି ....।
ଆଜିର ଖରାବେଳଟା ଏମିତି ଗଡ଼ି ଗଡ଼ି ଯାଉଛି .....

*—ଘଟଗାଁ, କେନ୍ଦୁଝର*
*ମୋ: ୯୪୩୭୬୩୧୭୧୯*

## ଅନୁସନ୍ଧାନ

—ମିନତି ମିଶ୍ର

**କେ**ତେ ଅଛି ବାକି
ଭୋଗିବାକୁ ଏ' ଜୀବନ !
କିଏ କହି ପାରିବ ?
ତୁମେ ନା ମୁଁ,
ନା, ଆଉ କିଏ
କେହି ବି ତ ନୁହେଁ
କେମିତି ବା ଜାଣିବେ
କାହୁଁ ବି ଜାଣିବେ
କେତେ ରହସ୍ୟ ଅଛି ଏସବୁରେ !
ମିଳିଛି ମାତ୍ର ବୋଲି ଯାହା
ଦେଇ ଦିଅ ଦାନରେ
କିଏ, ଉପେକ୍ଷା କରୁ
କିଏ ଅପେକ୍ଷା କରୁ
ଯିଏ ଯାହା ପାରୁଛି କରୁ
ମୁଣ୍ଡ ତ ନୁଆଁଇବାକୁ ହେବ
ଜଣଙ୍କ ପାଖରେ ।
ସେ ମୃତ୍ୟୁ ହେଉ କି ଈଶ୍ୱର !

*—ଦୋଳମଣ୍ଡପ ସାହି, ପୁରୀ*
*ମୋ:୯୩୩୭୮୭୨୯୬୯*





ତ୍ରିପ୍ତି

# ଭାଗ୍ୟକୁ ନିନ୍ଦୁଛନ୍ତି ତ୍ରିପ୍ତି

ବୋହି ଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରି ଆସେନା । ଯେତେବେଳେ ଅଫଟି ମିଳିଥିଲା ସେ ବିଷୟରେ ଭଲ ଭାବରେ ଚିନ୍ତା ନ କରି ତାହାକୁ ହାତଛଡା କରିଥିଲେ । ହେଲେ କିଛି ଦିନ ପରେ ସେ ନିଜର ନିଷ୍ପତ୍ତିକୁ ବଦଳାଇଥିଲେ । ହେଲେ କ'ଣ ହେବ ସେତବେଳକୁ ସବୁ ଶେଷ ହୋଇଯାଇଥିଲା । ଏହି ଭୂମିକା ପାଇଁ ପ୍ରଯୋଜକ ଜଣେ ନବାଗତାକୁ ଚୟନ କରିସାରିଥିଲେ । ହଁ, ଏଭଳି ଏକ ସୁଯୋଗ ହାତଛଡା କରିଥିବା ଅଭିନେତ୍ରୀ ହେଉଛନ୍ତି ତ୍ରିପ୍ତି ଡିମରି । ନିକଟରେ ତାଙ୍କୁ ଏକ ତେଲୁଗୁ ଫିଲ୍ମରେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା । କିନ୍ତୁ ଏ ନେଇ ନିଜର ଅସହମତି ପ୍ରକାଶ କରିଥିଲେ । ଏ ନେଇ ସେ କହନ୍ତି, ''ସେତେବେଳେ ମୋ ହାତରେ ଆଉ ଦୁଇଟି ଭଲ ଅଫର ଥିଲା । ତେଣୁ ଏହି ନୂଆ ଅଫରଟିକୁ ମୁଁ ସେତେଟା ଗୁରୁତ୍ୱ ଦେଇ ନ ଥିଲି । କିନ୍ତୁ ମନା କରିଦେବା ପରେ ହଠାତ୍, ପୂର୍ବ ଅଫରଦ୍ୱୟ ହାତରୁ ଖସିଗଲା । ତେଣୁ ମୁଁ ସେ ନେଇ ଟେନସନ ହୋଇଯାଇଥିଲି । ଯେତେବେଳେ ସେହି ତେଲୁଗୁ ଫିଲ୍ମର ପ୍ରଯୋଜକଙ୍କୁ ମୋ ପଟରୁ ଯୋଗାଯୋଗ କଲି ସେତବେଳକୁ ସବୁ ଶେଷ ହୋଇଯାଇଥିଲା । ଆଉ ଜଣେ ଅଭିନେତ୍ରୀଙ୍କୁ ସେ ସାଇନ୍ କରିସାରିଥିଲେ । ତେଣୁ ଏହାକୁ ମୋ ଭାଗ୍ୟର ଦୋଷ ବୋଲି ହିଁ କହିବି ।'' ତ୍ରିପ୍ତି ଡିମରିଙ୍କ ଅଭିନୀତ ଶେଷ ଫିଲ୍ମ 'ଭୁଲ ଭୁଲେୟାଁ ୩' ଗତ ବର୍ଷ ରିଲିଜ ହୋଇ ଭଲ ବିଜନେସ୍ କରିଥିଲା । ଅନ୍ୟପକ୍ଷରେ ଚଳିତ ମାସ ୨୧ରେ ସେ ଅଭିନୟ କରିଥିବା 'ଧଡକ ୨' ରିଲିଜ ହେବାକୁ ଯାଉଛି ।

# ଏବେ ବି ମନେ ପଡୁଛି

ରଶ୍ମିକା ମନ୍ଦାନା ଏବେ ନିଜର ଆକ୍ଟିଂ ଜୀବନକୁ ବିଶ୍ଳେଷଣ କରୁଛନ୍ତି । ଏହାର ସୁଖଦ ଏବଂ ଦୁଃଖଦ କଥାକୁ ମନେ ପକାଉଛନ୍ତି । କେବଳ ସେତିକି ନୁହେଁ, ସେଗୁଡିକୁ ଏକ ଡାଏରୀରେ ଟିପି ରଖୁଛନ୍ତି । ତା'ମଧ୍ୟରୁ ଗୋଟିଏ କଥା ବାରମ୍ବାର ମନେ ପଡୁଛି । ତାହା ହେଉଛି 'ଭୀଷ୍ମ ଫିଲ୍ମର କଥା । ଏହି ତାମିଲ ସିନେମାରେ ନିତୀନଙ୍କ ସହ ସ୍କ୍ରିନ୍ ସେୟାର କରିଥିଲେ ରଶ୍ମିକା । ହେଲେ ଏଥିରେ କ'ଣ ଏମିତି ସ୍ପେଶାଲ ଥିଲା ଯେ ସେହି ବିଷୟରେ ବାରମ୍ବାର ସେ ଭାବୁଛନ୍ତି । ଏ ନେଇ ରଶ୍ମିକା କହନ୍ତି, ''ଏହାର ଶୁଟିଂ ସମୟରେ ନିତୀନଙ୍କର କେତୋଟି କଥା ଏବେ ବି ମୋ ମନରେ ତାଜା ହୋଇ ରହିଛି । ମୋର କେତୋଟି ରୋମାଣ୍ଟିକ ଶଟ୍‌କୁ ସେ ସେହି ସମୟରେ ଭୂରି ଭୂରି ପ୍ରଶଂସା କରିଥିଲେ । ଆଉ ପୂର୍ବାନୁମାନ କରିଥିଲେ ଯେ ଏହି ସିକୁଏନ୍ସ ଦର୍ଶକଙ୍କୁ ନିଶ୍ଚୟ ପସନ୍ଦ ଆସିବ । '' ୨୦୨୦ରେ ନିର୍ମିତ ଏହି ଫିଲ୍ମର କାହାଣୀରେ ରୋମାନ୍ସ, ଆକ୍ସନ ଏବଂ କମେଡି ଭରି ରହିଥିଲା । କେବଳ ସେତିକି ନୁହେଁ, ଫିଲ୍ମଟି ବକ୍ସ ଅଫିସରରେ ହିଟ୍ ସାବ୍ୟସ୍ତ ହୋଇଥିଲା । ବିଶେଷଭାବରେ ଏଥିରେ ନିତୀନ ଏବଂ ରଶ୍ମିକାଙ୍କୁ ନେଇ ପିକ୍ଚରାଇଜେଶନ କରାଯାଇଥିବା ରୋମାଣ୍ଟିକ ଗୀତଗୁଡିକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ । ଭେଙ୍କି କୁମ୍ଭୁଲ୍ଙ୍କ ନିର୍ଦ୍ଦେଶିତ ଏହି ଫଲ୍ମଟି ବକ୍ସ ଅଫିସରେ ୫୨ କୋଟି ଆୟ କରିଥିଲା ।



ନିତୀନ-ରଶ୍ମିକା

# ଫଟୋଗ୍ରାଫିରେ ମନ

କଥାରେ ଅଛି ବସିବା ଠାରୁ କାଶିବା ଭଲ । ଏବେ ତ ଭଲ ଅଫର ମିଳୁନାହିଁ । ତେଣୁ ଘରେ ବସି ରହିବା ଅପେକ୍ଷା ଅମୀଷା ପଟେଲଙ୍କର ଗୋଟିଏ ଜିନିଷ ଆଡକୁ ମନ ଢ଼ଳିଛି । ତାହା କ'ଣ ଜାଣନ୍ତି ? ବର୍ତ୍ତମାନ ତାଙ୍କର ଫଟୋଗ୍ରାଫି ପ୍ରତି ମନ ଢଳିଛି । ଅର୍ଥାତ୍, ସେ ଯୁଆଡେ ଗଲେ ସାଙ୍ଗରେ କ୍ୟାମେରା ନେବାକୁ ଭୁଲୁ ନାହାନ୍ତି । ଶୁଟିଂରୁ ଫ୍ରି ହେବା ମାତ୍ରେ ସେ ନିକଟସ୍ଥ ମନପସନ୍ଦର ସ୍ଥାନକୁ ଯାଇ ଫଟୋ ଉଠାଉଛନ୍ତି । କେବଳ ସେତିକି ନୁହେଁ, ଏହି ଫଟୋଗୁଡିକୁ ସେ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି । ନିଜର ଏଭଳି ଅଭ୍ୟାସ ବିଷୟରେ ଅମୀଷା କହନ୍ତି, ''ଏହି ଅଭ୍ୟାସ ମୋର ଏବେକାର ନୁହେଁ । ଗତ କିଛି ବର୍ଷ ହେବ ମୁଁ ଫଟୋଗ୍ରାଫି ପ୍ରତି ମନ ବଳାଇଛି । ଉଠାଇଥିବା ଫଟୋଗୁଡିକୁ ଆଲବମ୍‌ରେ ରଖୁଛି । ପ୍ରାକୃତିକ ଦୃଶ୍ୟରାଜିକୁ ନେଇ ଏହି ଫଟୋଗୁଡିକୁ ନେଇ ଏକ ଫଟୋ ପ୍ରଦର୍ଶନୀ କରିବାକୁ ଆଶା ରଖିଛି ।'' ଅମୀଷାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୦ ମସିହାରେ । ରାକେଶ ରୋଶନଙ୍କ ନିର୍ଦ୍ଦେଶିତ 'କହୋନା ପ୍ୟାର ହୈ'ରେ ସେ ନବାଗତ ହ୍ରିତିକ ରୋଶନଙ୍କ ନାୟିକା ସାଜିଥିଲେ । ଫିଲ୍ମଟି ସୁପରହିଟ୍ ହୋଇଥିଲା ହେଲେ ଏହାର ସବୁ କ୍ରେଡିଟ୍ ହ୍ରିତିକ ନେଇ ଯାଇଥିଲେ । ନିଜର ୨୪ ବର୍ଷ କ୍ୟାରିୟରରେ ସେ ହାତ ଗଣତି କେତୋଟି ଭଲ ସିନେମାରେ ଅଭିନୟ କରିଛନ୍ତି ।



ଅମୀଷା



ମନୁ ଦ୍ୱିବେଦୀ

# କଥା ମିଡ ନାଇଟ୍‌ର

ନିର୍ମାଣାଧୀନ ଓଡ଼ିଆ ସିନେମା 'ମିଡ ନାଇଟ୍'ର କାହାଣୀରେ କେବଳ ରହସ୍ୟ ନୁହେଁ ରୋମାଞ୍ଚ ମଧ୍ୟ ଭରି ରହିଛି । ତିନି ଜଣ ବାନ୍ଧବୀ ନୂଆ ବର୍ଷ ସେଲିବ୍ରେଟ କରିବାକୁ ଚନ୍ଦ୍ରଭାଗା ଯାଉଥାଆନ୍ତି । ବାଟରେ ସେମାନଙ୍କ ମଧ୍ୟରୁ ଜଣେ ଏକ ହରର୍ ବହି ପଢୁଥାଆନ୍ତି । ହେଲେ ସଂଯୋଗ ଏମିତି ଯେ ଯେଉଁ ଲାଇନ୍ ପଢୁଥାଆନ୍ତି, ବାସ୍ତବରେ ସେମାନଙ୍କ ସାମନାରେ ସେହି ଘଟଣା ଘଟୁଥାଏ । ହଠାତ୍ ଗାଡିଟି ଖରାପ ହୋଇଯାଏ, ଆଉ ଉପାୟଶୂନ୍ୟ ହୋଇ ସେମାନେ 'ମିଡ ନାଇଟ୍' ନାମକ ଏକ ହୋଟେଲରେ ରହନ୍ତି । ଆଉ ତା'ପରେ କ'ଣ ରହସ୍ୟମୟ ଘଟଣାମାନ ଘଟୁଛି ତାହାକୁ ନେଇ କାହାଣୀ ଆଗକୁ ଆଗେଇଛି । ଏହି ସିନେମାର ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିବା ସହ ନାୟକ ସାଜିଛନ୍ତି ମନୁ ଦ୍ୱିବେଦୀ । ଚିତ୍ରଟିର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ । ଖାସ୍ କଥା ହେଲା କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ବଡ ପରଦାକୁ ଫେରୁଛନ୍ତି ସ୍ୱର ସଂଯୋଜକ ପ୍ରଶାନ୍ତ ପାଢ଼ୀ । ମନୁ ଦ୍ୱିବେଦୀ ଫିଲ୍ମସ ବ୍ୟାନରରେ ଏହାର ସହକାରୀ ନିର୍ଦ୍ଦେଶକ ଭାର ସମ୍ଭାଳିଛନ୍ତି ସୁରେଶ ଦାଶ । ମନୁ ଦ୍ୱିବେଦୀ, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ସୁଇଟି, ଆଲିୟା ପ୍ରମୁଖ କଳାକାର ଏଥିରେ ଅଭିନୟ କରୁଛନ୍ତି ।




ପ୍ରିୟଙ୍କା

# ପ୍ରିୟଙ୍କାଙ୍କ ଖୁସି ରହସ୍ୟ

ପ୍ରିୟଙ୍କା ଚୋପ୍ରା ଏବେ ଭାରି ଖୁସ୍ । ଏହାର କାରଣ କ'ଣ ଜାଣିବେନି ? କଥା କ'ଣ କି ଗତ କିଛି ବର୍ଷ ହେଲା ସେ ହଲିଉଡ୍‌ରେ ବ୍ୟସ୍ତ ଅଛନ୍ତି । ଏବେ ସେ ପୁଣି ଥରେ ଘର ମୁହାଁ ହୋଇଛନ୍ତି । ଅର୍ଥାତ୍, ବର୍ତ୍ତମାନ ସେ ବିଶିଷ୍ଟ ନିର୍ଦ୍ଦେଶକ ଏସ.ଏସ. ରାଜମୌଳିଙ୍କ ଆଗାମୀ ଫିଲ୍ମରେ ଅଭିନୟ କରୁଛନ୍ତି । ତେଣୁ ସେ ଏବେ ହାଇଦ୍ରାବାଦରେ ଡେରା ପକାଇଛନ୍ତି । ହେଲେ ତାଙ୍କ ଖୁସିର କାରଣ ଏଇଆ ଯେ, ଏହି ଫିଲ୍ମର ନାୟକ ସାଜିଛନ୍ତି ଅନ୍ୟତମ ଲୋକପ୍ରିୟ ଅଭିନେତା ମହେଶ ବାବୁ । ଏଥିରେ ପ୍ରିୟଙ୍କା ନେଗେଟିଭ ଭୂମିକାରେ ଦେଖାଦେବେ । ଶୁଟିଂ ଚାଲିଥିବା ଉକ୍ତ ସିନେମା ବିଷୟରେ ପ୍ରିୟଙ୍କା କହନ୍ତି, ''ଯେତେବେଳେ ରାଜମୌଳିଙ୍କ ପରି ନିର୍ଦ୍ଦେଶକ ମୋତେ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଲେ ସେତେବେଳେ ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନ ଥିଲି । କାରଣ ଏଭଳି ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ । ତା'ସହ ଏହି ଫିଲ୍ମର ମେଲ୍ ଲିଡ୍‌ରେ ମହେଶ ବାବୁ ଅଭିନୟ କରୁଛନ୍ତି । ତେଣୁ ଆଶା ରଖିଛି ସିନେମାଟି ନିଶ୍ଚୟ ବକ୍ସ ଅଫିସରେ ଭଲ ବିଜନେସ୍ କରିବ ।'' ଉକ୍ତ ଫିଲ୍ମର ଟାଇଟଲ ରହିଛି 'ଏସଏସଏମବି୨୯' । ଫିଲ୍ମଟି ପ୍ରିୟଙ୍କାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା ।

# ଆମିର ହିଁ ବେଷ୍ଟ

ଥରେ ମନେ ପକାନ୍ତୁ ନା ସୁପରହିଟ୍ ଫିଲ୍ମ 'ଗଜନୀ'କୁ । ଏଥିରେ ଆମୀର ଖାଁଙ୍କ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା କମ୍ ହେବ । ଅବଶ୍ୟ ଏହା ତାମିଲ ଫିଲ୍ମ 'ଗଜନୀ'ର ରିମେକ୍ । ମୂଳ ସିନେମାର ନାୟକ ସାଜିଥିଲେ ସୁର୍ୟା । ଉଭୟ ଫିଲ୍ମ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା । ୨୦୦୮ରେ ଏହାର ହିନ୍ଦୀ ରିମେକ୍ ୧୦୦କୋଟି କ୍ଲବରେ ପ୍ରବେଶ କରି ବେଶ୍ ଦର୍ଶକାଦୃତ ହୋଇଥିଲା । ଗୀତା ଆର୍ଟସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଇଥିଲେ ଏ.ଆର.ମୁରୁଗୋଡୋସ । ହେଲେ ଏବେ ଏହି ବ୍ୟାନରରେ ପ୍ରଯୋଜକ ଆଲ୍ଲୁ ଅରବିନ୍ଦ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି । ଖୁବ୍ ଶୀଘ୍ର ସେ 'ଗଜନୀ ୨' ନିର୍ମାଣ କରିବାକୁ ସୂଚନା ଦେଇଛନ୍ତି । କେବଳ ସେତିକି ନୁହେଁ, ଏହାର ମୁଖ୍ୟ ଭୂମିକା ପାଇଁ ସେ କାହାକୁ ଚୟନ କରିଛନ୍ତି ଜାଣନ୍ତି ? ଆମୀରଙ୍କୁ । କିନ୍ତୁ ଏସବୁ କେବଳ ଯୋଜନା ଭିତରେ ରହିଛି । ପ୍ରଯୋଜକ କହନ୍ତି, ''ଏହି ନୂଆ ସିନେମା ବିଷୟରେ ସବିଶେଷ ବିବରଣୀ ଜାଣିବାକୁ ଆଉ କିଛି ସପ୍ତାହ ଅପେକ୍ଷା କରିବାକୁ ପଡିବ । ଯଦି ମୁଁ ଏହି ଫିଲ୍ମଟି ପ୍ରସ୍ତୁତ କରେ, ତେବେ ଏହାର ଲିଡ୍ ରୋଲ୍ ପାଇଁ ଆମୀର ଖାଁଙ୍କୁ ହିଁ ବାଛିବି । କାରଣ କାହାଣୀ ଅନୁସାରେ ସେ ହିଁ କେବଳ ଫିଟ୍ । ଠିକ୍ ସମୟରେ ମୁଁ ସବୁ କଥା ଜଣାଇ ଦେବି ।''



ଆମୀର

# ପ୍ରଥମ ରୋଜଗାର ଟଙ୍କାକୁ ଅଧିକ ଉପାର୍ଜନ ପାଇଁ ବିନିଯୋଗ କଲି

## ପ୍ରଥମ ରୋଜଗାର



ପ୍ରଶାସନିକ ଅଧିକାରୀ **କାନନବାଳା ନାୟକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ପି**ଲାଟି ଦିନରୁ ମୁଁ ଭାରି ସ୍ୱାଭିମାନୀ। କାହାଠୁ କିଛି ମାଗିବାକୁ ମୋତେ ଆଦୌ ଭଲ ଲାଗେନା, ଏପରିକି ବାପା ମାଆଙ୍କୁ ମଧ୍ୟ। ପ୍ରାଥମିକ ସ୍କୁଲରେ ପଢ଼ିବା ଦିନରୁ କିଛି ନା କିଛି ରୋଜଗାର କରିବାର ପନ୍ଥା ଖୋଜୁଥାଏ। ଭାଗ୍ୟର ବିଡ଼ମ୍ବନା ମଧ୍ୟ ଏମିତି, ୪ର୍ଥ ଶ୍ରେଣୀରେ ପଢ଼ିବା ବେଳକୁ ବାପା କ୍ୟାନ୍‌ସରରେ ଆକ୍ରାନ୍ତ ହୋଇ ଇହଧାମ ତ୍ୟାଗକଲେ। ସେତେବେଳକୁ ମୋତେ ମାତ୍ର ୯ବର୍ଷ ବୟସ। ବାପା ଗଲା ପରେ ଅଭାବ ମୋର ସ୍ୱାଭିମାନୀ ପ୍ରକୃତିଟିକୁ ବଢ଼େଇଦେଲା। ମାଆ ଜଣେ ଗୃହିଣୀ। ଆମର ଥିଲା ଯୌଥ ପରିବାର। ପରିବାରର ସମ୍ପୂର୍ଣ୍ଣ ଦାୟିତ୍ୱ କାକାଙ୍କ ଉପରେ। କାକାଙ୍କୁ ଆମେ ପ୍ରବଳ ଭୟ। ତେଣୁ କିଛି ଦରକାର ହେଲେ ଆମେ କାକାଙ୍କୁ ଆଣିବା ପାଇଁ କହିପାରୁ ନ ଥିଲୁ। ସେଥିପାଇଁ ମୁଁ ମନେ ମନେ ସ୍ଥିର କଲି, ନିଜର ଖାତା କଲମର ଖର୍ଚ୍ଚ ମୁଁ ନିଜେ ବହନ କରିବି। ସେହିସମୟରେ ବିଦ୍ୟାଳୟର କେତେଜଣ ପିଲା ଷ୍ଟିକର ଓ ଜଲଛବି ବଜାରରୁ କମ୍ ପଇସାରେ ଆଣି ଅଧିକ ପଇସାରେ ଅନ୍ୟ ପିଲାଙ୍କୁ ବିକ୍ରି କରୁଛନ୍ତି। ତାହା ଦେଖି ମୁଁ ମନେ ମନେ ସ୍ଥିରକଲି ମୁଁ ବି ଏମିତି ରୋଜଗାର କରିବି। ହେଲେ ଷ୍ଟିକର କି ଜଲଛବି କିଣିବା ପାଇଁ ପଇସା କେଉଁଠୁ ଆଣିବି ? ମାଆ ପାଖରେ ଚାରଣିଟିଏ ନ ଥାଏ ବୋଲି ମୁଁ ଜାଣିଥିଲି। କାକାଙ୍କୁ ମାଗିଲେ ଗାଳି ଶୁଣିବି,ଏକଥା ବହୁତ ଭଲ ଭାବରେ ଜାଣିଥିଲି। ବାପା କି ମାଆଙ୍କ ଭିତରୁ କେହି ଜଣେ ଯଦି ଅସମୟରେ ଛାଡ଼ି ଚାଲିଯାଏ, ତେବେ ପିଲାମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ବଡ଼ ହୋଇଯାଆନ୍ତି। କଥାରେ ଅଛି 'ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ'। ମୋ ମୁଣ୍ଡକୁ ଗୋଟେ ବୁଦ୍ଧି ଜୁଟିଲା। ଯେଉଁ ପିଲାମାନେ ବଜାରରୁ ଷ୍ଟିକର ଓ ଜଲଛବି ଆଣୁଥିଲେ ତାଙ୍କ ଭିତରୁ ଜଣେ ମୋର ଭଲ ସାଙ୍ଗ ଥିଲା। ମୁଁ ତାକୁ ଯାଇ କହିଲି, ତୁ ମୋତେ କିଛି ଷ୍ଟିକର ଦେ, ମୁଁ ତାକୁ ବିକ୍ରିକରି ତତେ ତୋ ପଇସା ଫେରାଇଦେବି। ସେ ମୋ କଥାରେ ରାଜିହୋଇ ମତେ ଚାରିଟି ଷ୍ଟିକର ଦେଲା ; ଯାହାର ମୂଲ୍ୟ ଏକ ଟଙ୍କା ଥିଲା। ମୁଁ ସେ ଷ୍ଟିକରକୁ ତିନି ଟଙ୍କାରେ ଅନ୍ୟ ପିଲାଙ୍କୁ ବିକିଲି। ତାକୁ ତା'ର ଟଙ୍କାଟେ ଫେରାଇଦେଲି ଏବଂ ଆଉ ୨ ଟଙ୍କାରେ ବଜାରରୁ ଷ୍ଟିକର ଆଣିବାକୁ କହିଲି। ସେହି ୨ଟଙ୍କା ହିଁ ଥିଲା ମୋର ପ୍ରଥମ ରୋଜଗାର ; ଯାହାକୁ ଉପଯୋଗକରି ମୁଁ ଆଉ କିଛି ଟଙ୍କା ଅର୍ଜନ କରିବାକୁ ସକ୍ଷମ ହେଲି। ଖାତା ଓ କଲମ ପାଇଁ ମୋତେ ଆଉ କାହା ଆଗରେ ହାତ ପତାଇବାକୁ ପଡ଼ିଲାନାହିଁ। ୬ଷ୍ଠଶ୍ରେଣୀରେ ପଢୁଥିବା ସମୟରେ ଦିନେ ଆମ ସ୍କୁଲର ପ୍ରଧାନ ଶିକ୍ଷକ ଖାଇବାଛୁଟିରେ ମତେ ଆଉ ୨ ଜଣ ପୁଅ ପିଲାଙ୍କୁ ଡାକି କହିଲେ, ତୁମ ପାଇଁ ଗୋଟେ ଖୁସିର ଖବର ଅଛି। ତୁମେ ୩ଜଣ ତୃତୀୟ ଶ୍ରେଣୀରେ ସ୍କଲାରଶିପ୍ ପାଇଛ। ସେଥର ସ୍କଲାରଶିପରେ ମିଳିଥିଲା ୯ ଟଙ୍କା। ସେ ସମୟରେ ଆମ ଘରର ଆର୍ଥିକ ଅବସ୍ଥା ଭଲ ନ ଥିଲା। ଘରୁ ସ୍କୁଲର ଦୂରତା ୧ କି.ମି.ରୁ ଅଳ୍ପ ଅଧିକ ହେବ। ସେ ସମୟରେ ଝିଅପିଲାମାନେ ସାଇକେଲ ଚଲାଉ ନ ଥିଲେ। ତେଣୁ ପ୍ରାୟ ସମସ୍ତେ ଚାଲି ଚାଲି ସ୍କୁଲ ଯାଉଥିଲେ। ରାସ୍ତାରେ ପାଦରେ କିଛି ଫୋଡ଼ି ନ ହେବା ପାଇଁ ପାଦରେ ଚପଲ ପିନ୍ଧୁଥିଲେ। ଅର୍ଥାଭାବରୁ ମୋର ପାଦରେ ଚପଲ ହଳେ ନ ଥିଲା। ଫୁଙ୍ଗୁଳା ପାଦରେ ଏତେ ରାସ୍ତା ଯିବାକୁ ଭାରି କଷ୍ଟ ହେଉଥିଲା। ତେଣୁ ମୁଁ ମୋ ସ୍କଲାରଶିପ୍ ଟଙ୍କାରେ ବାଟା ଚପଲ ହଳେ କିଣିଥିଲି। ଠୁଙ୍ଗା ତିଆରିଠାରୁ ଆରମ୍ଭକରି ଛେଳି ପାଳି ନିଜର ପାଠପଢ଼ା ସହ ଅନ୍ୟାନ୍ୟ ଖର୍ଚ୍ଚ ଉଠାଇଛି ଅନ୍ୟ ଭଉଣୀଙ୍କ ସହାୟତାରେ ହାଇସ୍କୁଲ ପଢ଼ିବା ସମୟରେ। ଫାଷ୍ଟ ଡିଭିଜନରେ ମାଟ୍ରିକ୍ ପାସ୍‌କଲି। ତା'ପରେ ଟ୍ୟୁଶନକରି ଯୁକ୍ତ୨ରୁ ସ୍ନାତକ ପର୍ଯ୍ୟନ୍ତ ପାଠ ପଢ଼ିଲି। ସ୍ନାତକରେ ଡିଷ୍ଟିଂଶନ ସହ ଅନର୍ସରେ ସବୁ ପିଲାଙ୍କଠୁ ବେଶି ନମ୍ବର ରଖି ବାରିପଦା ଏମ୍‌ପିସି କଲେଜରୁ ପାସ୍‌କଲି। ସେହି ଟ୍ୟୁଶନ କରିବା ଭିତରେ ମୁଁ ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ହେବାର ସୁଯୋଗ ପାଇଲି। ଓଡ଼ିଶା ଅର୍ଥ ସେବାର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାମକରି ଉଚ୍ଚ ବେତନ ପାଉଥିବା ମୋର ଆଜିର ରୋଜଗାର ପିଲାବେଳର ସେହି ଷ୍ଟିକର ବିକ୍ରିର ରୋଜଗାରଠାରୁ କାହିଁକି କେଜାଣି କମ୍ ଓ ଫିକା ଲାଗେ।

# ରଙ୍ଗୀଲା ରାଧିକା ଭାରି ଚାତୁରୀ, ଲୁଚି ଲୁଚି ମନ କରିଛି ଚୋରି

**ସାଥୀ**

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। କିଛି ସମୟ କଥାବାର୍ତ୍ତାରେ ମୋତେ ଯେମିତି ଲାଗିଲା ସେ ମୋ ମନକୁ କିଣିନେଇଛି। ଆଉ ତା' ସହ ଭେଟ ହେଉନାହିଁ। ମୁଁ ଏବେ କ'ଣ କରିବି କହିବେ କି ସାଥୀ ?

*–ବିଶ୍ୱଜିତ ନାୟକ, ବ୍ରହ୍ମପୁର*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ତାହାର ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ଯାହାକୁ ମନ ଦେଇ ବସିଛନ୍ତି ତାହାର କିଛି ଠିକଣା ଆପଣଙ୍କ ପାଖରେ ନାହିଁ। 'ରଙ୍ଗୀଲା ରାଧିକା ଭାରି ଚତୁରୀ, ଲୁଚି ଲୁଚି ମନ କରିଛି ଚୋରି।' ତେଣୁ ଅପେକ୍ଷା କରନ୍ତୁ। ହୁଏତ ଏପରି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ**–କେହି କେହି କହନ୍ତି, 'ଲାଜରୁ ପ୍ରେମର ସୃଷ୍ଟି'। ଏହାକୁ ବିଶ୍ୱାସ କରି ପ୍ରେମ ରାସ୍ତାରେ ଆଗେଇବା ଠିକ୍ ହେବ କି ?

*–ଅନୁପମ, ଭୁବନେଶ୍ୱର*

**ଉତ୍ତର:**ଏକଥା ଅନେକାଂଶରେ ସତ ଯେ କେତେକ ଝିଅ ପ୍ରେମର ପ୍ରଥମ ପାହାଚରେ ପାଦ ଦେବା ସମୟରେ ଲାଜ କରନ୍ତି। ଆଉ ସେହି ଲାଜରେ ପ୍ରେମର ପହିଲି ପୁଲକ ଲୁଚି ରହିଥାଏ। ବାସ୍, ତାହାକୁ ପଢ଼ିବାକୁ କେବଳ ଟିକେ ବୁଦ୍ଧି ଖଟାନ୍ତୁ। ହୁଏତ ସେହି ଲାଜୁଆ ଇସାରାରେ ହୁଏତ ଆପଣଙ୍କ ମନ ତା' ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହୁଏତ ହାତରୁ ଖସି ଯାଇପାରେ।

**ପ୍ରଶ୍ନ**–ଯାହା ସହ ମୋ ମନ ପ୍ରଥମ ଥର ମିଶିଥିଲା, କେତେକ କାରଣରୁ ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା। ହେଲେ ମୁଁ ତାକୁ ସହଜରେ ପାଶୋରି ପାରୁନି। ପୁଣି ଆଉ ଜଣେ ଝିଅ ମୋତେ ପ୍ରେମ କରି ବସିଚି। ଏବେ କ'ଣ କରିବି ?

*–ସନତ ମହନ୍ତ, ନିଳଗିରି*

**ଉତ୍ତର:** ଯାହାକୁ ପ୍ରଥମେ ମନ ପ୍ରାଣ ଦେଇ ଭଲ ପାଉଥିଲେ ଆଉ ତା' ହାତ ଧରି ଅନେକ ବାଟ ଆଗେଇ ଯାଇଥିଲେ ସେ ତ ଅଧା ବାଟରେ ଛାଡି ଚାଲିଗଲା। ଏବେ ତାକୁ ମନେ ପକାଇବା ଅର୍ଥ ପୁରୁଣା ଘା'କୁ ପୁଣି ଥରେ ଉଖୁରାଇବା। ତା'ପରେ ଆପଣ ଆଉ ଜଣେ ନୂଆ ପ୍ରେମିକାକୁ ସାଥୀ କରିସାରିଲେଣି। ଏବେ ଯାହାକୁ ପ୍ରେମ କରୁଛନ୍ତି ଯଦି ତା' ସହ ଆଗେଇବାକୁ ଚାହାନ୍ତି ତେବେ ପ୍ରଥମ ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ତାହାର ଦଂଶନରେ ଆପଣ ସବୁବେଳେ ସନ୍ତୁଳିତ ହେଉଥିବେ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋତେ ଭଲ ପାଉଛି ବୋଲି ଆଭାସ ପାଇସାରିଲିଣି। ହେଲେ ମୋ ମନ କଥା ତାକୁ କେମିତି କହିବି ଜାଣିପାରୁନାହିଁ। ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ତାପସ ରାଉତ, ରାଉରକେଲା*

**ଉତ୍ତର:**ଏପରି ଚାନ୍ସ ପାଇବା ପରେ ଆଉ ଭାବିବାର କ'ଣ ଅଛି ? ଯଦି ଜାଣୁଛନ୍ତି ସେପଟୁ ଗ୍ରୀନ୍ ସିଗନାଲ ଅଛି, ତେବେ ବିଳମ୍ବ ନ କରି ବହି ଫିଟ୍ କରିଦିଅନ୍ତୁ। ଡେରି କଲେ ହୁଏତ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧିବ। ସୁବିଧା ଦେଖି ନିଜ ମନର କଥା ସେହି ସୁନ୍ଦରୀ ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ସକସେସ ହେବାର ଚାନ୍ସ ଅଧିକ ରହିଛି।





# ସୁଭାଷ ବୋଷଙ୍କ ପ୍ରେମ କାହାଣୀ


''ମାଇଁ ଡାର୍ଲିଂ, ସମୟ ଆସିଲେ ହିମ ପର୍ବତ ବି ତରଳିଯାଏ । ସେମିତି ଭାବ ମୋ ଭିତରେ ଏବେ ଅଛି । ମୁଁ ତୁମକୁ କେତେ ଭଲପାଏ ଏହା ଜଣାଇବା ଲାଗି କିଛି ଲେଖିବାକୁ ମୁଁ ନିଜକୁ ଅଟକାଇପାରୁନାହିଁ... । ମୁଁ ଜାଣିନି ଭବିଷ୍ୟତରେ କ'ଣ ହେବ । ହୁଏତ ଆଜୀବନ ଜେଲରେ ବିତାଇବାକୁ ପଡ଼ିପାରେ । ମତେ ଗୁଳି ମାରି ଦିଆଯାଇପାରେ ଅବା ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇପାରେ । ହୋଇପାରେ ମୁଁ ତୁମକୁ କେବେ ଦେଖି ନ ପାରେ, କେବେ ଚିଠି ନ ଲେଖିପାରେ । ହେଲେ ଭରସା ରଖ ତମେ ସବୁବେଳେ ମୋ ହୃଦୟରେ ରହିବ । ମୋର ଚିନ୍ତନ ଓ ସ୍ୱପ୍ନରେ ତମେ ରହିବ । ଯଦି ଆମେ ଏହି ଜୀବନରେ ଏକାଠି ନ ହୋଇପାରୁ ତେବେ ଆରଜନ୍ମରେ କିନ୍ତୁ ତୁମ ସାଥୀରେ ନିଶ୍ଚୟ ରହିବି ।.. ମୁଁ ତୁମ ଭିତରର ନାରୀକୁ ଭଲ ପାଏ । ତୁମ ଆତ୍ମାକୁ ଭଲପାଏ । ତୁମେ ହେଉଛ ପ୍ରଥମ ନାରୀ ଯାହାକୁ ମୁଁ ଭଲ ପାଇଛି ।...'' ନିଶ୍ଚିତଭାବେ ଏହା ଏକ ପ୍ରେମପତ୍ର । ତେବେ ଏହା କୌଣସି ସାଧାରଣ ପ୍ରେମପତ୍ର ନୁହେଁ । କାରଣ ଚିଠିଟି ଲେଖିଥିବା ଯୁବକ ଜଣେ ମହାନ୍ ଦେଶପ୍ରେମୀ ।

'ମତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' କହୁଥିବା ମହାନ୍ ଦେଶପ୍ରେମୀ **ସୁଭାଷ ଚନ୍ଦ୍ର ବୋଷ** ଏହି ପ୍ରେମ ପତ୍ର ଦିନେ ନିଜ ପ୍ରେମିକା ଏମିଲି ଶେଙ୍କଲଙ୍କୁ ଦେଇଥିଲେ । ପ୍ରତିକ୍ଷଣ ଯିଏ ଦେଶ କଥା ଭାବୁଥିଲେ, ଦେଶ ପାଇଁ ଜିଉଁଥିଲେ ସେ ଯେ କେବେ ପ୍ରେମରେ ପଡ଼ିବେ ନିଜେ ବି ଭାବି ନ ଥିଲେ । ୧୯୩୪ ମସିହାରୁ ସେ ଜୀବିତ ଥିବା ପର୍ଯ୍ୟନ୍ତ ଏମିଲିଙ୍କୁ ସେ ଅନେକ ପ୍ରେମପତ୍ର ଦେଇଥିଲେ । ସେଥିମଧ୍ୟରୁ ୧୬୨ରୁ ଉର୍ଦ୍ଧ୍ୱ ଚିଠି ତାଙ୍କ ମୃତ୍ୟୁ ପରେ ମିଳିଥିଲା । ସେଗୁଡ଼ିକୁ ପ୍ରକାଶିତ ବି କରାଯାଇଛି । ହେଲେ ଏଇ ପ୍ରେମ ସମ୍ପର୍କ କେମିତି ଗଢ଼ି ଉଠିଥିଲା ତାହା ଜାଣିବା ଲାଗି ଯିବାକୁ ପଡ଼ିବ ୧୯୩୪ ମସିହାକୁ ।

ସୁଭାଷଙ୍କ କଲେଜ ଦିନରୁ ଆରମ୍ଭକରି ଇଂଲଣ୍ଡରେ ଆଇସିଏସ୍ ପରୀକ୍ଷା ଦେବାକୁ ଯିବା ପର୍ଯ୍ୟନ୍ତ ତାଙ୍କୁ ଅନେକ ଯୁବତୀ ଓ ମହିଳା ଭଲ ପାଇଥିଲେ । କାରଣ ସେ କେବଳ ଦେଖିବାକୁ ଆକର୍ଷକ ବ୍ୟକ୍ତିତ୍ୱର ନ ଥିଲେ ବରଂ ଖୁବ୍ ଜ୍ଞାନୀ ଓ ଯେଉଁଠି କି ଯାଉଥିଲେ ଲିଡର ହୋଇ ଛାଇଯାଉଥିଲେ । କିନ୍ତୁ ସୁଭାଷ ଏଭଳି ସମ୍ପର୍କଠାରୁ ଦୂରରେ ରହିବାକୁ ଭଲ ପାଉଥିଲେ ।

ସିଭିଲ ଡିସ୍ଓବିଡିଏନ୍ସ ମୁଭମେଣ୍ଟ ବା ଆଇନ ଅମାନ୍ୟ ଆନ୍ଦୋଳନରେ ସୁଭାଷ ବୋଷ ଅଗ୍ରଣୀ ଭୂମିକା ତୁଲାଉଥିବାରୁ ବ୍ରିଟିଶ ସରକାର ତାଙ୍କୁ ଆରେଷ୍ଟ କରିଥିଲା । ଏହାପରେ ସେ ୟୁରୋପରେ ନିର୍ବାସନରେ ଥାଆନ୍ତି । ଏତିକିବେଳେ ସୁଭାଷଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା । ଅଷ୍ଟ୍ରିଆର ଭିଏନାରେ ଚିକିତ୍ସା ଚାଲିଲା । ତା'ସହ ସେ ସେଠାରେ ଥିବା ଭାରତୀୟ ଛାତ୍ରଙ୍କୁ ଭାରତର ସ୍ୱାଧୀନତା ଲଢ଼େଇ ଲାଗି ଏକାଠି କରିବାରେ ଲାଗିଥାନ୍ତି । ଭାରତରେ ନିଜ ସାଥୀ ଓ କଂଗ୍ରେସ ନେତାଙ୍କୁ ପତ୍ର ପଠାଉଥାନ୍ତି । ତା'ସହ 'ଦ ଇଣ୍ଡିଆନ ଷ୍ଟ୍ରଗଲ' ନାମକ ପୁସ୍ତକ ଲେଖିବାର ଯୋଜନା କରୁଥାଆନ୍ତି । ତେଣୁ ସେ ଏମିତି ଜଣେ ବ୍ୟକ୍ତି ଚାହୁଁଥିଲେ ଯେ କି ତାଙ୍କ ପତ୍ର ଓ ଦସ୍ତାବିଜ ପାଇଁ ଦିଆଯାଉଥିବା ଡିକ୍ଟେସନକୁ ଟାଇପ୍ କରିପାରିବେ । ଭଲ ଇଂରାଜୀ ଜାଣିଥିବା ବି ଜରୁରୀ । ସୁଭାଷ ବୋଷଙ୍କର ଜଣେ ସାଙ୍ଗ ୨୩ ବର୍ଷୀୟା ଅଷ୍ଟ୍ରିଆର ସୁନ୍ଦରୀ ଯୁବତୀ ଏମିଲି ଶେଙ୍କଲଙ୍କ ସହ ସାକ୍ଷାତ କରାଇଲେ । ସୁଭାଷ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଦେଖି ତାଙ୍କୁ ସେକ୍ରେଟାରି କରି ରଖିଲେ । ହେଲେ ସେ ଜାଣି ନ ଥିଲେ ଯେ ଆଗାମୀ ଦିନରେ ଏମିଲିଙ୍କ ପାଇଁ ତାଙ୍କ ଜୀବନ ଏକ ନୂଆ ମୋଡ଼ ନେବାକୁ ଯାଉଛି । ଦୁହେଁ ମିଶି କାମ କରିବା ଭିତରେ ପରସ୍ପରର ନିକଟତର ଓ ପରସ୍ପର ପ୍ରତି ଆକର୍ଷିତ ହୋଇଥିଲେ । ଆଉ ଧୀରେ ଧୀରେ ପ୍ରେମ ହୋଇଯାଇଥିଲା ।






My darling! Even the iceberg sometimes melts and so it is with me now. I can no longer restrain myself from penning these few lines to convey my deep love for you — my darling — or as we would say in our own way — the queen of my heart. But do you love me — do you care for me — do you long for me? You called me "pranadhik" — but did you mean it? Do you love me more than your own life? Is that possible? With us it may be possible — for a Hindu woman has, for centuries, given up her life for the sake of her love. But you Europeans have a different tradition. Moreover, why should you love me more than your own life? I am like a wandering bird that comes from afar, remains for a while, and then flies away — to its distant home. For such a person why should you cherish so much love

My dearest! In a few weeks I must fly to my distant home. My country calls me — my duty calls me — I must leave you and go back to my first love — my country. So often have I told you that I have already sold myself to my first love. I have very little [illegible] to give to any one. What little I have — I have given you. It may not be worthy of you and of your great love for me — [illegible] that is all that I have to give — and you cannot expect anything more from me.

I do not know what the future has in store for me. May be, I shall spend my life in prison. May be, I shall be



ଏହାପରେ ସେ ଜବାହରଲାଲ ନେହେରୁଙ୍କ ଡାକରାରେ ୧୯୩୬ ଏପ୍ରିଲ ୧୧ରେ ଭାରତ ଫେରିଥିଲେ । ଯଦିଓ ବ୍ରିଟିଶ ସରକାର ଚେତାବନୀ ଦେଇଥିଲା ଯେ ଭାରତ ଆସିଲେ ତାଙ୍କୁ ଆରେଷ୍ଟ କରାଯିବ ତଥାପି ସେ ଆସିଥିଲେ । ନିଜ ଦେଶକୁ ଫେରି ସ୍ୱାଧୀନତା ପାଇଁ ଲାଗିଥିବା ସତ୍ତ୍ୱେ ବି ସେ ଏମିଲିଙ୍କୁ ଭୁଲି ନ ଥିଲେ । ଲଗାତର ତାଙ୍କୁ ପତ୍ର ଲେଖିଥିଲେ । ପ୍ରାୟତଃ ପତ୍ରର ଆରମ୍ଭରେ ସେ 'ମାଇଁ ଡାର୍ଲିଂ ଏମିଲି'ରୁ ଆରମ୍ଭ କରୁଥିଲେ । ଦୁହେଁ ବିରହର ନିଆଁରେ ଜଳୁଥିଲେ । ତେଣୁ କିଛି ମାସ ପରେ ସୁଭାଷ ଅଷ୍ଟ୍ରିଆର ବଡଗଷ୍ଟିନରେ ପହଞ୍ଚିଥିଲେ । ଆଉ ଦୁହେଁ ଗୁପ୍ତ ବିବାହ କଲେ । ତାଙ୍କ ବିବାହରେ ନ ଥିଲେ କେହି ସାକ୍ଷୀ କି ହୋଇ ନ ଥିଲା ଉତ୍ସବ । ଏହି ବିବାହକୁ ଗୁପ୍ତ ରଖାଗଲା । କାରଣ ସୁଭାଷ ବୋଷ କଂଗ୍ରେସର ଅଧ୍ୟକ୍ଷ ହେବାର ଥିଲା । ବିଦେଶିନୀଙ୍କୁ ବିବାହ କଥା ପ୍ରଘଟ ହେଲେ ତାଙ୍କ ରାଜନୈତିକ କ୍ୟାରିୟର ସହ ଦେଶର ସ୍ୱାଧୀନତା ଲଢ଼େଇ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ଥିଲା । ବିବାହର କିଛିଦିନ ଦୁହେଁ ସେହି ବଡଗଷ୍ଟିନ୍ ସହରରେ ବିତାଇଥିଲେ । ଏହାପରେ ସୁଭାଷ ପୁଣି ଥରେ ଭାରତକୁ ଫେରିଲେ । କୁହାଯାଏ ନେହେରୁ ହିଁ ଜଣେ ବ୍ୟକ୍ତି ଯେ କି ଏହି ବିବାହ ବିଷୟରେ ଜାଣିଥିଲେ । କାରଣ ସୁଭାଷ ଓ ନେହେରୁଙ୍କ ସମ୍ପର୍କ ସେତେବେଳେ ଖୁବ୍ ଭଲ ଥିଲା । ହେଲେ ସୁଭାଷଙ୍କ ପରିବାର ଏ ସମ୍ପର୍କରେ ଜାଣି ନ ଥିଲେ । ସୁଭାଷ ଓ ଏମିଲିଙ୍କ ସମ୍ପର୍କ ପ୍ରାୟ ୯ ବର୍ଷ ରହିଥିଲା । ସୁଭାଷ ଯେବେ ବି ୟୁରୋପ ଆସୁଥିଲେ ଏମିଲିଙ୍କୁ ଦେଖାକରିବାକୁ ଭିଏନା ଯାଉଥିଲେ । ୧୯୪୧ ମସିହାରେ ଯେବେ ଭିଏନା ଯାଇଥିଲେ ସେ ଏମିଲିଙ୍କ ସହ କିଛି ଅଧିକ ସମୟ ବିତାଇଥିଲେ । ୧୯୪୨, ନଭେମ୍ବର୨୯ରେ ତାଙ୍କର ଝିଅ ଅନିତା ଜନ୍ମ ହୋଇଥିଲେ । ଆଉ ସୁଭାଷ ନିଜ ବଡ଼ ଭାଇଙ୍କୁ ନିଜ ସମ୍ପର୍କ ବିଷୟରେ ପତ୍ର ଲେଖିଥିଲେ । ହେଲେ ପତ୍ରଟି ସୁଭାଷଙ୍କ ପରିବାର ଲୋକେ ପାଇ ନ ଥିଲେ ।



ବିବାହର ୯ ବର୍ଷ ଭିତରେ ସେ ଏମିଲିଙ୍କ ସହ ମାତ୍ର ୩ ବର୍ଷ ରହିଥିଲେ । ୧୯୪୩ରେ ଏମିଲି ଓ ଝିଅ ଅନିତାଙ୍କ ସହ ସୁଭାଷଙ୍କର ଶେଷ ଦେଖାହୋଇଥିଲା । ୧୯୪୫ ମସିହା ଅଗଷ୍ଟ ୧୮ରେ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେଲା । ସୁଭାଷ ବୋଷଙ୍କ ମୃତ୍ୟୁ ପରେ ତାଙ୍କ ବିବାହ କଥା ପରିବାର ଲୋକେ ଜାଣିଲେ । ୪୦ ଦଶକର ଶେଷ ଆଡ଼କୁ ସେମାନେ ଏମିଲିଙ୍କ ସହ ଦେଖାକଲେ । କଲିକତାକୁ ଆସି ରହିବାକୁ ବି କହିଲେ । ହେଲେ ଏମିଲି ମନା କରିଥିଲେ । କାରଣ ତାଙ୍କ ମା'ଙ୍କ ଦେହ ଭଲ ନ ଥିଲା । ୧୯୬୦ରେ ଅନୀତା କଲିକତା ଆସିଥିଲେ । ହେଲେ ଏମିଲି କେବେ ଭାରତ ଆସିପାରି ନ ଥିଲେ । ୧୯୯୩ ମସିହାରେ ଜଣେ ଐତିହାସିକ ସୁଗାତା ବୋଷଙ୍କୁ ସୁଭାଷ ଏମିଲିଙ୍କୁ ଲେଖିଥିବା ଚିଠି ସବୁ ପ୍ରଦାନ କରିଥିଲେ । ଆଉ ଏମିଲି ସୁଭାଷଙ୍କୁ ଯେଉଁ ଚିଠି ଲେଖିଥିଲେ ତାକୁ ବୋଷ ପରିବାର ସେତେବେଳେ ପାଇଲେ ଯେତେବେଳେ କୋଲକତାରେ ସୁଭାଷ ରହୁଥିବା ରୁମ୍ ସଫା କରାଯାଉଥିଲା ।

କେତେଜଣ ଐତିହାସିକ କୁହନ୍ତି, ଦେଶ ସ୍ୱାଧୀନ ହେବା ପରେ ବୋଧହୁଏ ଦୁହେଁ ବିବାହ କଥା ସମସ୍ତଙ୍କ ସାମ୍ନାକୁ ଆଣିଥାନ୍ତେ । ସୁଭାଷ ବୋଷଙ୍କ ପ୍ରଥମ ପ୍ରେମ ଥିଲା ନିଜ ଦେଶ ଓ ଦେଶର ସ୍ୱାଧୀନତା ସଂଗ୍ରାମ । ତେଣୁ ଏହା ଉପରେ ଯେମିତି ତାଙ୍କ ବ୍ୟକ୍ତିଗତ ଜୀବନର ପ୍ରଭାବ ନ ପଡ଼େ, ସେଥିପାଇଁ ଦୁହେଁ ନିଜ ସମ୍ପର୍କକୁ ଲୁଚାଇ ରଖିଥିଲେ । ଏମିଲି ବି କେବେ ଏହାକୁ ନେଇ ପ୍ରତିବାଦ କରି ନ ଥିଲେ । ଏମିଲି ନିଜର ଶେଷ ଜୀବନ ସ୍ୱାମୀଙ୍କ ସ୍ମୃତିରେ ବିତାଇଥିଲେ । ୧୯୯୬ ମସିହା ମାର୍ଚ୍ଚ ୧୩ ତାରିଖରେ ସେ ମୃତ୍ୟୁବରଣ କଲେ ।

—ଶିବାନୀ




## ହାଃ ହାଃ

### ଅର୍ଥ

ବାପା: 'ସାପ ଲାଞ୍ଜରେ ହାତ ମାରିବା'ର ଅର୍ଥ କ'ଣ ?
ପୁଅ: ମାମାଙ୍କୁ ତା' ବାପଘରକୁ ଯିବା ପାଇଁ ମନା କରିବା।
ବାପା: କ'ଣ କହିଲୁ ?
ପୁଅ: ମୁଁ କ'ଣ ଭୁଲ୍ କହିଲି ? ସେଦିନ ତମେ ମାମାଙ୍କୁ ତା' ବାପଘର ଯିବାକୁ ମନା କରିବାରୁ ସେ ପୂରା ନାଗିନ ପରି ଫଣା ଟେକି ନ ଥିଲା ?

### ପୁରୁଣା ଦିନ

ଥରେ ଜେଜେବାପା, ଜେଜେମା' ନିଷ୍ପତ୍ତି ନେଲେ ପୁରୁଣା ଦିନରେ ଦୁହେଁ ଯେମିତି ଲୁଚିଛପି ଦେଖା କରୁଥିଲେ ସେମିତି ଦେଖା କରିବେ।
ପରଦିନ ଜେଜେବାପା ଗୋଲାପ ଫୁଲ ଧରି ଆଗରୁ ଯୋଉ ବଗିଚାରେ ଦେଖା ହେଉଥିଲେ ସେଠାରେ ପହଞ୍ଚିଲେ। ଘଣ୍ଟା ଘଣ୍ଟା ଅପେକ୍ଷା କରିବା ସତ୍ତ୍ୱେ ଜେଜେମା' ଆସିଲେନି।
ଜେଜେବାପା ରାଗିକି ଘରକୁ ଯାଇ ଦେଖିଲେ ଜେଜେମା' ଘରେ ଅଛନ୍ତି।
ଜେଜେବାପା: ଘଣ୍ଟା ଘଣ୍ଟା ଅପେକ୍ଷା କଲି ହେଲେ ତମେ ଆସିଲନି କାହିଁକି ?
ଜେଜେମା': କ'ଣ କରିଥାନ୍ତି ଯେ, ବୋଉ ପରା ଛାଡ଼ିଲାନି।

### ପାରାଲିସିସ୍

ମା' ପୁଅକୁ ଫୋନ୍ କରି: ତୁ ଜଲ୍‌ଦି ଆସ୍।
ପୁଅ: କାହିଁକି କ'ଣ ହେଇଛି ?
ମା': ବୋହୂକୁ ପାରାଲିସିସ୍ ଆଟାକ୍ କରିଛି ବୋଧେ।
ପୁଅ: ତୁ କେମିତି ଜାଣିଲୁ ?
ମା': ସିଏ ମୁହଁ ବଙ୍କା କରି ଆଖି ଉପରକୁ ଓ ବେକ ବଙ୍କେଇକି ରଖି ଓଠକୁ ଘୁଷୁରି ଓଠ ଭଳି କରି ରଖିଛି।
ପୁଅ: ଏଇ କଥା, ବ୍ୟସ୍ତ ହଅନା। ତା'ର କିଛି ହେଇନି। ସେ ସେଲ୍ଫି ଉଠଉଛି।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



# ଓଡ଼ିଶାର ଗୁପ୍ତ ବୃନ୍ଦାବନ
# ପୁରୀର ମାତାମଠ



**ପୁରୀ ଶ୍ରୀମନ୍ଦିରରୁ ସମୁଦ୍ରକୂଳ ଆଡ଼କୁ ଗଲେ ମାତ୍ର ୫୦୦ ମିଟର ଦୂର ସିପସରୁବାଲିଠାରେ ରହିଛି ଏକ ଭବ୍ୟ ଆଶ୍ରମ; ଯାହା ମାତା ମଠ ବା ଶ୍ରୀଗୌର ବିହାର ଆଶ୍ରମ ଭାବେ ଜଣାଶୁଣା। ଏହି ଆଶ୍ରମର ମନୋରମ ସୌନ୍ଦର୍ଯ୍ୟକୁ ଦେଖି କେହି କେହି ଏହାକୁ ଓଡ଼ିଶାର ଗୁପ୍ତ ବୃନ୍ଦାବନ ବୋଲି ମଧ୍ୟ କହିଥାନ୍ତି...**



ପୁରୀର ସିପସରୁବାଲିଠାରେ ପ୍ରାୟ ୨ ଏକରରୁ ଉର୍ଦ୍ଧ୍ୱ ପରିସୀମାବ୍ୟାପ୍ତ ପ୍ରାକୃତିକ ପରିବେଶରେ ଅବସ୍ଥିତ ଏହି ଆଶ୍ରମ। ଏଠାରେ ଦେଖିବାକୁ ମିଳେ ଭଗବାନ୍ ବୁଦ୍ଧ, ମହାବୀର ଜୈନ, ଶ୍ରୀକୃଷ୍ଣ, ଶ୍ରୀଜଗନ୍ନାଥ ଓ ଶ୍ରୀଚୈତନ୍ୟଙ୍କର ବିଭିନ୍ନ ଲୀଳା ଏବଂ ସେ ସମୟର ପ୍ରମୁଖ ମୁନିଋଷି ତଥା ପରବର୍ତ୍ତୀ ସମୟର ବୈଷ୍ଣବ ଧର୍ମଗୁରୁମାନଙ୍କର ଅନେକ ସୁନ୍ଦର ପ୍ରତିମୂର୍ତ୍ତିମାନ। ଏହାବ୍ୟତୀତ ଉକ୍ତ ସ୍ଥାନର ମଝିରେ ମଝିରେ ପାର୍କ ଭଳି ଅନେକ ଫୁଲଗଛ ଇତ୍ୟାଦି ଲଗାଯାଇ କୁଞ୍ଜ ଭଳି କରାଯାଇଛି। ଆଉ ସେଠାରେ ସୁନ୍ଦର ସୁନ୍ଦର ମୂର୍ତ୍ତିମାନ ମଧ୍ୟ ରହିଛି ।

### ମଠର ନାମକରଣକୁ ନେଇ ତଥ୍ୟ

ଏହି ମଠଟି କାହିଁକି ମାତାମଠ ନାମରେ ନାମିତ ହେଲା ସେ ବିଷୟରେ କୌଣସି ଠିକ୍ ତଥ୍ୟ ମିଳେନାହିଁ। କିନ୍ତୁ ଷୋଡ଼ଶ ଶତାବ୍ଦୀରେ ଗଜପତି ମୁକୁନ୍ଦଦେବଙ୍କ ସମୟରେ ଶ୍ରୀଚୈତନ୍ୟ ମଠ ଗୌଡ଼ୀୟ ବୈଷ୍ଣବମାନଙ୍କର ଏକ ଆଶ୍ରମ ଥିଲା ବୋଲି ଇତିହାସରେ ଲିପିବଦ୍ଧ ଅଛି। ବୋଧହୁଏ ସେ ସମୟରେ ଶ୍ରୀଚୈତନ୍ୟ ମଠରେ ପୁରୁଷ ଭକ୍ତମାନେ ରହୁଥିବାରୁ ମହିଳା ଭକ୍ତଙ୍କ ରହଣି ପାଇଁ ଏହା ସ୍ୱତନ୍ତ୍ର ଭାବରେ ନିର୍ମିତ ହୋଇଥାଇପାରେ ବୋଲି ଏହାର ନାମରୁ ପ୍ରତୀତ ହେଉଛି। ଉତ୍ତର ଦିଗକୁ ମୁହଁ କରି ରହିଥିବା ଏହାର ମୁଖ୍ୟ ମଠଟି ୨ ଭାଗରେ ବିଭକ୍ତ। ପ୍ରଥମ ଭାଗରେ ରହିଛି ବିଭିନ୍ନ ଦେବଦେବୀ ଯେମିତିକି ଶ୍ରୀଜଗନ୍ନାଥ, ରାଧାକୃଷ୍ଣ, ମା'ଦୁର୍ଗା, ମା'ଲକ୍ଷ୍ମୀ, ମା'କାଳୀ, ଶ୍ରୀହନୁମାନ, କାମଧେନୁ ଇତ୍ୟାଦିଙ୍କର ମୂର୍ତ୍ତି ଏବଂ ଛୋଟ ଛୋଟ ମନ୍ଦିର। ଦ୍ୱିତୀୟ ଭାଗରେ ରହିଛି ରାମାୟଣର ରାମ ବନବାସ, ଲକ୍ଷ୍ମଣ ଶକ୍ତିଭେଦ, ସୀତା ହରଣ ଏବଂ ମହାଭାରତର କୁରୁସଭା ତଥା କୃଷ୍ଣଲୀଳାର ଅନେକ ଦୃଶ୍ୟର ଅବିକଳ ପ୍ରତିମୂର୍ତ୍ତିମାନ। ତତ୍‌ସହିତ ରହିଛି ଆଦି ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ମାଧ୍ୱାଚାର୍ଯ୍ୟ, ନିମ୍ବାର୍କାଚାର୍ଯ୍ୟ ଇତ୍ୟାଦି ଜଗଦ୍‌ଗୁରୁମାନଙ୍କ ପ୍ରତିମୂର୍ତ୍ତି; ଯାହାକୁ ଦେଖି ଦର୍ଶକ ବିଭୋର ହେବା ସହିତ ମନରେ ସ୍ୱତଃ ଭକ୍ତିଭାବ ଜାଗ୍ରତ ହୁଏ।

### ମଠର ବିଭିନ୍ନ ଧାର୍ମିକ କାର୍ଯ୍ୟାବଳୀ

ପୁରୁଣା ଦିନ ଭଳି ଏବେ ବି ଏଠାରେ ନିୟମିତ ଭାବରେ ସାଧୁସନ୍ଥଙ୍କ ଦ୍ୱାରା ଭଜନ କୀର୍ତ୍ତନ ସହ ବିଭିନ୍ନ ଧର୍ମାନୁଷ୍ଠାନ ଚାଲୁଅଛି। ଏଠାରେ ନିୟମିତ ବସବାସ କରୁଥିବା ଭକ୍ତମାନଙ୍କ ଦ୍ୱାରା ଏହାର ରକ୍ଷଣାବେକ୍ଷଣ କରାଯାଉଛି। ମଠର ମଧ୍ୟଭାଗରେ ଅନେକ ସ୍ତମ୍ଭଯୁକ୍ତ ହଲ୍‌ଟିଏ ରହିଛି; ଯେଉଁଠାରେ ଧର୍ମସଭା ହୋଇଥାଏ। ମଠରେ ପାଳନ ହେଉଥିବା ମୁଖ୍ୟ ଉତ୍ସବଗୁଡ଼ିକ ହେଉଛି ଲଳିତା ସପ୍ତମୀ, ଦୋଳ ପୂର୍ଣ୍ଣିମା ଏବଂ ଜନ୍ମାଷ୍ଟମୀ। ଏତଦ୍ ବ୍ୟତୀତ ଅନ୍ୟାନ୍ୟ ସମୟରେ ଦେଶ ବିଦେଶରୁ ଆସୁଥିବା ଗୌଡ଼ୀୟ ବୈଷ୍ଣବ ସାଧୁସନ୍ଥମାନଙ୍କ ଦ୍ୱାରା ବି ଏଠାରେ ଧର୍ମସଭା ଚାଲେ। ପୁରୀ ଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଆକର୍ଷଣୀୟ ସ୍ଥଳ। ଏଠାରେ ଏତେ ଗୁଡିଏ ମୂର୍ତ୍ତି ରହିଥିଲେ ମଧ୍ୟ ଆଶ୍ରମର ଆହୁରି କିଛି ଭାଗ ଖାଲି ପଡ଼ିଛି। ଉପଯୁକ୍ତ ଯତ୍ନର ଅଭାବରୁ ସେଗୁଡିକ ଅନାବନା ଘାସ, ଗୁଳ୍ମ ଏବଂ ଲଟା ଇତ୍ୟାଦିରେ ପରିପୂର୍ଣ୍ଣ ହୋଇଯାଉଛି। ଯଦି ସରକାରଙ୍କ ପକ୍ଷରୁ କିଛି ପଦକ୍ଷେପ ନିଆଯାଆନ୍ତା ତା'ହେଲେ ଏହା ଆହୁରି ଉନ୍ନତ ମାନର ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇପାରନ୍ତା।

### କେମିତି ଯିବେ

ଏହି ଆଶ୍ରମଟି ଭୁବନେଶ୍ୱରଠାରୁ ପ୍ରାୟ ୬୦/୬୫ କି.ମି . ଦୂରହେବ। ଏଠାକୁ ଯାତାୟାତ କରିବା ପାଇଁ ପୁରୀର ମୁଖ୍ୟ ବସ୍‌ଷ୍ଟାଣ୍ଡ ଏବଂ ରେଳଷ୍ଟେଶନରୁ ସମସ୍ତ ସୁବିଧା ରହିଛି। ମଠ ନିକଟରେ ଛୋଟ ଛୋଟ ଭୋଜନାଳୟ ଏବଂ ସୌଖୀନ ସାମଗ୍ରୀର ଦୋକାନ ବଜାର ମଧ୍ୟ ରହିଛି। ଏହିସବୁ ସୁବିଧା ଥିବା ଯୋଗୁ ଏଠାରେ ବର୍ଷସାରା ଜନଗହଳି ପରିଲକ୍ଷିତ ହୋଇଥାଏ।

– **ସୁଷମା ପରିଜା**, ମୋ:୯୩୩୭୨୭୨୬୪୭











# ଏମିତି ହୁଏ ପ୍ରେମ



**ବେଳେବେଳେ ହଠାତ୍ କାହା ସହ ଆଖିରେ ଆଖି ମିଶିଗଲେ ହୃଦସ୍ପନ୍ଦନ ବଢିଯାଏ। ଦିନ ରାତି ସବୁ ସମୟରେ ସେଇ ମଣିଷଟିର ମୁହଁ ଆଖି ଆଗରେ ନାଚି ଉଠେ। ତା' କଥା ଭାବିଲେ ମନ ଖୁସିରେ ଭରିଯାଏ। ଭୋକ ଶୋଷ ମରିଯାଏ। କୁହାଯାଏ ଏ ହେଉଛି ପ୍ରେମରେ ପଡ଼ିବାର ଲକ୍ଷଣ। ହେଲେ କେବେ ଭାବିଛନ୍ତି କି ମଣିଷ ଭିତରେ ସୃଷ୍ଟି ହେଉଥିବା ଏ ସବୁ ଭାବ କାହିଁକି ଉତ୍ପନ୍ନ ହୁଏ? ଏହାପଛରେ କ'ଣ ରହିଛି ବୈଜ୍ଞାନିକ କାରଣ? ଜାଣିବା ସେ ସମ୍ପର୍କରେ...**

ବୈଜ୍ଞାନିକମାନେ ପ୍ରେମରେ ପଡ଼ିବାକୁ ମନୋବିଜ୍ଞାନ ଓ ଶରୀର ବିଜ୍ଞାନ ମାଧ୍ୟମରେ ବିଶ୍ଳେଷଣ କରିଛନ୍ତି। ଏଥିରେ ସେମାନେ ସମୟ ସହ ହେଉଥିବା ପରିବର୍ତ୍ତନକୁ ବି ସାମିଲ କରିଛନ୍ତି। ପ୍ରେମର ଆରମ୍ଭ ସମ୍ପର୍କରେ ବୈଜ୍ଞାନିକ କୁହନ୍ତି ଯେ, ଏଥିପାଇଁ ତିନୋଟି ରାସାୟନର ମୁଖ୍ୟ ଭୂମିକା ଥାଏ। ତାହା ହେଉଛି ନୋରାଡ୍ରେନାଲାଇନ୍, ଡୋପାମାଇନ ଓ ଫେନାଇଲିଥାଇଲାମାଇନ। ଏହି ତିନି ରସାୟନ ମସ୍ତିଷ୍କରେ ପ୍ରେମର ଭାବକୁ ସକ୍ରିୟ କରିଥାଏ।
ନୋରାଡ୍ରେନାଲାଇନ୍‌ର କାମ ହେଛି ପ୍ରାରମ୍ଭିକ ଭାବକୁ ଆରମ୍ଭ କରିବା। ଏହାଦ୍ୱାରା ଆଡ୍ରେନାଲାଇନ୍ ତିଆରି ହୋଇଥାଏ। ଫଳରେ ହୃଦସ୍ପନ୍ଦନ ବଢିବା, ସାରା ଶରୀରରେ ଶିହରଣ ଖେଳିଯିବା ଓ ହାତରେ ଝାଳ ବାହାରିବା ଭଳି ଲକ୍ଷଣ ଦେଖିବାକୁ ମିଳେ। ଏହାପରେ ଦ୍ୱିତୀୟ ରସାୟନ ଡୋପାମାଇନ୍ ତିଆରି ହୁଏ। ଫଳରେ ବ୍ୟକ୍ତିଙ୍କୁ ସବୁକିଛି ଭଲ ଓ ଖୁସି ଖୁସି ଅନୁଭବ ହୁଏ। ତୃତୀୟ ସ୍ଥିତି ସେତେବେଳେ ଆସେ ଯେବେ ଫେନାଇଲଇଥାଥଲାମାଇନ ରିଲିଜ ହୁଏ। ସେତେବେଳେ ବ୍ୟକ୍ତିଙ୍କୁ ଅଜବ ଅନୁଭବ ହୁଏ।
ଏହାବାଦ ବୈଜ୍ଞାନିକମାନେ ପ୍ରେମ ହେବାର ସ୍ଥିତିକୁ ତିନୋଟି ଚରଣରେ ବାଣ୍ଟିଛନ୍ତି। ପ୍ରଥମ ଚରଣ ହେଉଛି ଆସକ୍ତି, ଯାହାକୁ ଇଂରାଜୀରେ ଲଷ୍ଟ କୁହାଯାଏ। ଏହା ପୁରୁଷଙ୍କ ଟେଷ୍ଟୋଷ୍ଟେରୋନ ଓ ମହିଳାଙ୍କ ଓଷ୍ଟ୍ରୋଜନ ସ୍ତର ଦ୍ୱାରା ସଞ୍ଚାଳିତ ହୋଇଥାଏ। ଦ୍ୱିତୀୟ ହେଉଛି ଆକର୍ଷଣ, ଯାହାକି ଠିକ ସେହିଭଳି ଭାବ ଉତ୍ପନ୍ନ କରିଥାଏ, ଯେମିତିକି କୌଣସି ନିଶା କରୁଥିବା ବ୍ୟକ୍ତି ମଦ କିମ୍ବା ଡ୍ରଗ୍ସର ଅଭ୍ୟାସରେ ଅନୁଭବ କରନ୍ତି। ଅନ୍ତିମ ଚରଣ ହେଉଛି ଆଟାଚମେଣ୍ଟ ବା ଆସକ୍ତି। ଏ ହେଉଛି ସେହି ସମୟ ଯେବେ ବ୍ୟକ୍ତି ନିଜ ମନର ମଣିଷ ସହ ନିକଟତର ହୁଅନ୍ତି ଓ ତା' ସହ ମିଶି ଭବିଷ୍ୟତ ପାଇଁ ଯୋଜନା କରନ୍ତି।
ଆମେରିକାର ପ୍ରସିଦ୍ଧ ନୃତତ୍ତ୍ୱବିତ ଡା. ହେଲନ ଫିଶର ମଧ୍ୟ ପ୍ରେମର ଏହି ତିନି ସ୍ଥିତିର ବ୍ୟାଖ୍ୟା କରିଛନ୍ତି। ଡା. ଫିଶରଙ୍କ ଅନୁଯାୟୀ ଆସକ୍ତି ସ୍ଥିତିରେ ଶରୀରରେ ଟେଷ୍ଟୋଷ୍ଟେରୋନ ଅବା ଓଷ୍ଟ୍ରୋଜନ ସ୍ତର ବଢିବା ପୃଥିବୀର ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ଭଳି ହୋଇଥାଏ। ଦ୍ୱିତୀୟ ସ୍ଥିତିରେ ବ୍ୟକ୍ତିଙ୍କ ଭିତରେ ବହୁତ ଖୁସିର ଭାବ ଉତ୍ପନ୍ନ ହୋଇଥାଏ ଓ ମସ୍ତିଷ୍କରେ ଅନେକ ରସାୟନ ସୃଷ୍ଟି ହୁଏ। ଯେଉଁଥିରେ ଡୋପାମାଇନ ଖୁସିର ଅନୁଭବ କରାଏ, ଏଡ୍ରେନାଲାଇନ 'ଲଢ ଅବା ବଞ୍ଚ'ର ଭାବ ଉତ୍ପନ୍ନ କରେ ଓ ନୋରେପାଇନଫ୍ରାଇନ ମଣିଷ ଭିତରେ ପ୍ରେମର ଭାବକୁ ନିଶା ଭଳି କରିଥାଏ। ଏହାବାଦ ଆଡ୍ରେନାଲାଇନ୍ ଖାସ୍‌କରି ଗାଲକୁ ଲାଜରେ ଲାଲ କରିବା, ହାତରେ ଝାଳ ବାହାରିବା ଓ ହୃଦସ୍ପନ୍ଦନ ବୃଦ୍ଧି କରାଇବାର କାମ କରିଥାଏ। ଏହି ଅନଭୂତି ସାଧାରଣତଃ ପ୍ରଥମ ଥର କାହାକୁ ଦେଖି ପ୍ରେମରେ ପଡ଼ିଲେ ଅନୁଭବ ହୁଏ। ତୃତୀୟ ଅବସ୍ଥା ବା ଆଟାଚମେଣ୍ଟରେ ଡୋପାମାଇନ ଓ ନୋରେପାଇନଫ୍ରାଇନର ସ୍ଥାନ ଅକ୍ସିଟୋସିନ ନେଇଥାଏ। ଏହି ସବୁ ହରମୋନ ବାଦ ମଧ୍ୟ ଅନ୍ୟ ବହୁତ କାରକ ଥାଆନ୍ତି ଯାହା ନିର୍ଦ୍ଧାରିତ କରିଥାନ୍ତି ଯେ, ବ୍ୟକ୍ତିଙ୍କୁ କାହା ସହ ପ୍ରେମ ହେବ ଓ ସେ ଅନୁଭୂତି କେମିତି ରହିବ।






# ହ୍ୟାରୀ ପୋଟର୍ ବେଶରେ ରେକର୍ଡ

ଜେ. କେ. ରୋଲିଂଙ୍କ ଦ୍ୱାରା ରଚିତ ଯାଦୁ ଦୁନିଆର କାହାଣୀ 'ହ୍ୟାରୀ ପୋଟର', ଯାହାକୁ କି ଚଳଚ୍ଚିତ୍ରରେ ରୂପାୟନ ହୋଇଥିଲା ତାକୁ ପ୍ରାୟ ସମସ୍ତେ ଦେଖିଥିବେ। ଆଉ ଏହାର ମୁଖ୍ୟ ଚରିତ୍ର ହ୍ୟାରୀ ପୋଟର୍‌କୁ ସମସ୍ତେ ବହୁତ ଭଲ ପାଇବା ବି ଦେଇଥିଲେ। ଗୋଲ ଗୋଲ ଚଷମା, ଧଳା ସାର୍ଟ, କଳା ପ୍ୟାଣ୍ଟ ସାଙ୍ଗକୁ ହାତରେ ଯାଦୁ ବାଡ଼ି, କପାଳରେ ଖଣ୍ଡିଆ ଦାଗ ଓ ମୁଣ୍ଡରେ କୋନ୍ ଭଳି କଳା ଟୋପି ପିନ୍ଧି ହ୍ୟାରୀ ପୋଟର୍ ଲାଗୁଥିଲେ ବେଶ୍ କ୍ୟୁଟ୍। ତାଙ୍କର ଏଇ ଲୁକ୍ ସମସ୍ତଙ୍କ ହୃଦୟ ଜିତିଥିଲା। ଏହି ଲୁକ୍ ଏତେ ପପୁଲାର୍ ଯେ, ଏହାକୁ ନେଇ ରେକର୍ଡ ବି ହୋଇଛି। ସର୍ବାଧିକ ବ୍ୟକ୍ତି ହ୍ୟାରୀ ପୋଟର୍ ବେଶରେ ଏକାଠି ହୋଇ ଏହି ରେକର୍ଡ କରିଛନ୍ତି। ଅଷ୍ଟ୍ରେଲିଆ, ପର୍ଥର ୱେଷ୍ଟ ବାୟଫର୍ଡ ପ୍ରାଇମେରୀ ସ୍କୁଲର ୯୯୭ ଜଣ ଛାତ୍ରୀଛାତ୍ର, ଷ୍ଟାଫ୍ ଓ ଅଭିଭାବକ ହ୍ୟାରୀ ପୋଟର୍ ଗେଟ୍‌ଅପ୍‌ରେ ଏକତ୍ରିତ ହୋଇ ଉକ୍ତ ରେକର୍ଡ କରିଛନ୍ତି। ବିଦ୍ୟାଳୟର ପ୍ରିନ୍ସିପାଲ ବ୍ରାଏନ ଆବି କହନ୍ତି, 'ଏଭଳି ପଦକ୍ଷେପ ନେବାର ଉଦ୍ଦେଶ୍ୟ ହେଉଛି ପିଲାଙ୍କ ମନରେ ଲିଟରେଚର୍ ପ୍ରତି ଭଲ ପାଇବା ସୃଷ୍ଟି କରିବା।'

ବ୍ୟାକ୍ ପେଜ୍

# ସବୁଠୁ ବଡ଼ ବୁକେ

ଉପହାରରେ ଏକ ସୁନ୍ଦର ଫୁଲର ବୁକେ ସମସ୍ତଙ୍କୁ ଭଲ ଲାଗେ । ବୁକେ ଯେତେ ବଡ଼ ଖୁସି ସେତେ ଅଧିକ ଲାଗେ । ତେବେ ନିକଟରେ ଅହମ୍ମଦାବାଦରେ ଯେଉଁ ବୁକେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି ତାକୁ ଦେଖିଲେ ତ କାହାର ବି ମନ ଖୁସିରେ ଭରିଯିବ । କାରଣ ଏ ହେଉଛି ପୃଥିବୀର ସବୁଠୁ ବଡ଼ ବୁକେ । ଅହମ୍ମଦାବାଦ ଇଣ୍ଟରନ୍ୟାଶନାଲ ଫ୍ଲାୱାର ଶୋ'ରେ ଏହି ବୁକେ ପ୍ରଦର୍ଶିତ ହୋଇଥିଲା, ଯାହାର ଉଚ୍ଚତା ୧୦.୨୪ ମିଟର ଓ ଓସାର ୧୦.୮୪ ମିଟର । ଏହି ବୁକେରେ ୧୦,୦୮, ୯୦୦




ଟ୍ରେ ପ୍ଲାଣ୍ଟ, ୧୦,୦୮, ୭୯୬ ବ୍ୟାଗ ପ୍ଲାଣ୍ଟସ୍ ଓ ୫୯, ୧୫୦ ପଟ୍‌ରେ ଥିବା ପ୍ଲାଣ୍ଟ ବ୍ୟବହାର କରାଯାଇଛି । ଏହାକୁ ପ୍ରସ୍ତୁତ କରିବା ଲାଗି ବୁକେ ଆକାରର ଏକ ଷ୍ଟ୍ରକ୍ଚରରେ ୧୦୦ ପ୍ରକାରର ଫୁଲ ଗଛ ବ୍ୟବହାର କରାଯାଇଥିଲା । ଉକ୍ତ ବୁକେରେ ବେଶି ଋତୁକାଳୀନ ଫୁଲ ଗଛ ବ୍ୟବହାର କରାଯାଇଛି । ଏହି ରେକର୍ଡ ପୂର୍ବରୁ ୟୁନାଇଟେଡ ଆରବ ଏମିରେଟ୍‌ର ଅଲ ଆଇନ ମୁନିସିପାଲିଟି ନାଁରେ ଥିଲା । ସେଠାକାର ୭ମିଟର ଉଚ୍ଚ ଓ ୭ ମିଟର ଓସାରର ବୁକେ ଷ୍ଟ୍ରକ୍ଚରରେ ହୋଇଥିବା ବୁକେ ରେକର୍ଡ କରିଥିଲା । ସେହି ରେକର୍ଡକୁ ଭାଙ୍ଗି ଅହମ୍ମଦାବାଦର ଏହି ବୁକେ ନୂଆ ରେକର୍ଡ ସୃଷ୍ଟି କରିଛି ।

# ପେପର୍ ହାର୍ଟର ଶୃଙ୍ଖଳ

ଭାଲେଣ୍ଟାଇନ୍ସ ଡେ'ରେ ହାର୍ଟ ଶେପ୍‌ର ପେପର୍ କାଟି କାର୍ଡ ତିଆରି କରି ସେଥିରେ ମନର କଥା ଲେଖି ଅନେକେ ନିଜ ପ୍ରିୟ ମଣିଷକୁ ଦେଇଥିବେ । କହିବାକୁ ଗଲେ ପେପର୍ ହାର୍ଟ ମନର କଥା । ତେବେ



ଏହି ପେପର୍ ହାର୍ଟକୁ ନେଇ ଏକ ଗିନିଜ ରେକର୍ଡ ବି ଅଛି । ପ୍ରେମର ଦିବସ ଅବସରରେ ବ୍ରିଟିଶ ହାର୍ଟ ଫାଉଣ୍ଡେଶନ୍ ପେପର୍ ହାର୍ଟର ସବୁଠାରୁ ଲମ୍ବା ଶୃଙ୍ଖଳ ବା ଚେନ୍ ତିଆରି କରି ଏହି ରେକର୍ଡ କରିଛି । ଏଥିରେ ଚାରିଟି କରୁଥିବା ୭୨୦ଟି ଦୋକାନ, ହଜାର ହଜାର ସପୋର୍ଟର ସହଯୋଗ କରିଥିଲେ । ଭଲ୍ୟୁଣ୍ଟିୟରଙ୍କ ସହଯୋଗରେ ୧୭,୯୩୯ଟି ହାର୍ଟର ଶୃଙ୍ଖଳ ତିଆରି ହୋଇଥିଲା । ଏହି ହାର୍ଟର ଶୃଙ୍ଖଳରେ ହୃଦରୋଗ ସହ ଲଢୁଥିବା ଓ ଏହି ରୋଗରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପାଇଁ ବାର୍ତ୍ତା ବି ଲେଖାଯାଇଥିଲା । ଏହି ପେପର୍ ହାର୍ଟ ଶୃଙ୍ଖଳର ଲମ୍ବ ୨୫ଟି ଫୁଟବଲ ପିଚ୍ ସହ ସମାନ । ତେଣୁ ଏହା ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି । ତା'ସହ ଏଥିରେ ହୃଦରୋଗୀଙ୍କ ପାଇଁ ଯେଉଁ ହୃଦୟସ୍ପର୍ଶୀ ବାର୍ତ୍ତା ଲେଖାଯାଇଥିଲା ତାହା ସେମାନଙ୍କୁ ରୋଗ ସହ ଲଢିବା ଓ ଜିଇଁବାର ଏକ ନୂଆ ଆଶା ଦେଇଥିଲା ।



# ଦଉଡି ଡିଆଁ ଖେଳୁଥିବା ବିଲେଇ



ବିଲେଇଙ୍କୁ କପି କ୍ୟାଟ୍ କୁହାଯାଏ । କାରଣ ଏମାନେ ଖୁବ୍ ଅନୁକରଣ ପ୍ରିୟ । ଶିଖିବାର କୌଶଳ ତାଙ୍କ ପାଖରେ ଥାଏ । ସେଇଥିପାଇଁ ତ ଆମେରିକା, ମିସୌରିର ଏକ ବିଲେଇ ଅନେକ ପ୍ରକାରର କରତବ୍ କରି ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି । ସେ ୨୦ରୁ ଉର୍ଦ୍ଧ୍ୱ ଟ୍ରିକ୍ କରିପାରେ । ତନ୍ମଧ୍ୟରୁ ଗୋଟିଏ ହେଉଛି ଦଉଡି ଡ଼ିଆଁ ଖେଳିବା । ଏହି ଟ୍ୟାଲେଣ୍ଟେଡ ବିଲେଇର ନାମ ହେଉଛି କିଟ୍ କାଟ୍ । ସେ ନିଜର ମାଲିକାଣୀ ତଥା ଟ୍ରେନର ଡ୍ରିଶା ସେଫ୍ରିଡ୍‌ଙ୍କ ସହ ଦଉଡି ଡିଆଁ ଖେଳେ । ଡ୍ରିଶା ଦଉଡି ବୁଲାଇବା ସହ କିଟ କାଟ୍ ଡେଇଁଥାଏ । ଦୁହିଁଙ୍କ ଯୁବଗଳବନ୍ଦୀ ବେଶ୍ ଭଲ । ତେବେ ଏଥିପାଇଁ ଡ୍ରିଶା କିଟକାଟ୍‌କୁ ବହୁତ କଷ୍ଟ କରି ତାଲିମ ଦେଇଥିଲେ । ଶେଷରେ ତାଙ୍କର ପରିଶ୍ରମ ସାର୍ଥକ ହୋଇଥିଲା । କିଟ୍‌କାଟ୍ ଏକ ମିନିଟରେ ୯ ଥର ଜମ୍ପ କରି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା । କେବଳ ଏଇ ଗୋଟିଏ ରେକର୍ଡ ନୁହେଁ କିଟ୍‌କାଟ୍ ନାଁରେ ୨୦ଟି ଟ୍ରିକ୍ କରିବା ନେଇ ରେକର୍ଡ ଅଛି । ଯେମିତିକି ହାଇ ଫାଇଭ୍ ଦେବା, ଘିର୍‌ଘିର୍ ହୋଇ ବୁଲିବା, କମାଣ୍ଡ ଅନୁସାରେ ମିଆଉଁ କରିବା, ନିର୍ଦ୍ଦେଶ ଦେବାମାତ୍ରେ ଚିହ୍ନ ଦିଆଯାଇଥିବା ସ୍ଥାନକୁ ଯାଇ ନିଜ ପଞ୍ଝାରେ ଛୁଇଁବା ଆଦି ।